ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ଅକ୍ଟୋବର ୧୭-୩୦, ୨୦୧୮

**ଭାରତ-ଭାରତୀ :** ସାରା ସାଗୁପ୍ତା

**ଅନୁବାଦ ଗଳ୍ପ:** ରସ୍କିନ୍ ବଣ୍ଡ୍

**ସ୍ମରଣୀୟ :** କନିଷ୍କ

**ପହିଲି ପୁଲକ :** ସୀତେଶ ତ୍ରିପାଠୀ

**ପ୍ରଥମ ବହି :** ବିଜୟଲକ୍ଷ୍ମୀ ପରିଡ଼ା



# ଆଉ କେବେ କୁହନି ସେ କଥା


ବିଜୟଲକ୍ଷ୍ମୀ ପରିଡ଼ାଙ୍କ ଜନ୍ମ ଭଦ୍ରକ ଜିଲା ବାସୁଦେବପୁରରେ। ପ୍ରକାଶିତ କବିତା ପୁସ୍ତକ: 'ଆଉ କେବେ କୁହନି ସେ କଥା', 'ମୋ' ଝର୍କାରୁ ଦିଶେ ନଈ', 'ସଞ୍ଜ ହେଲେ ବର୍ଷା' ଓ 'ଏଇ ଠିକଣାରେ ଘର ନାହିଁ'। 'ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ' (୨୦୧୬), 'ଉମାଦେବୀ କବିତା ସମ୍ମାନ' (୨୦୧୭), 'ବାଲିଘର କବିତା ସମ୍ମାନ' (୨୦୧୮), 'ଆର୍ଯ୍ୟ ସାହିତ୍ୟ ସମ୍ମାନ' (୨୦୧୮) ଓ 'ଚିନ୍ତାଚେତନା ସାହିତ୍ୟ ପୁରସ୍କାର' (୧୯୯୭-୯୮)ରେ ସମ୍ମାନିତା ବିଜୟଲକ୍ଷ୍ମୀଙ୍କ କବିତାରେ ଥାଏ ଅନୁଭୂତିର ଏକ ନିଆରା ନିକପଣ, ଯାହା ତାଙ୍କ ସମକାଳର କବିତାରେ କ୍ୱଚିତ୍ ସୁଲଭ...




ପୁଣି ଥରେ କବିତାକୁ ନେଇ ମୋ' ସହ ସଂଘର୍ଷ ହେଇଛି, ଯେଉଁ ଦିନ ମୁଁ ସାଇନ୍ସ ଛାଡ଼ି ଆର୍ଟ୍ସ ନେଇ ପଢ଼ିବି ବୋଲି ଜିଦ୍ ଧରିଛି ; ମୋତେ ଡାକ୍ତର କରିବା ପାଇଁ ବାପାଙ୍କର ଏକମାତ୍ର ଇଚ୍ଛାକୁ ଅମାନ୍ୟ କରିଛି। କରି ନ ଥାଆନ୍ତି ବା କେମିତି ! ଲାବୋରେଟୋରିରେ ବେଙ୍ଗକଟା ଦେଖି ବେହୋସ୍ ହେଇଗଲି ଯେଉଁଦିନ, ଠିକ୍ ସେଇଦିନ ନିଷ୍ପତ୍ତି ନେଲି ଏସବୁ ମୋ' ଦ୍ୱାରା ହେବନି ; କେଉଁଠି ବର୍ଷାର ଟୁପୁରୁଟାପୁରୁ ସାଙ୍ଗେ ବେଙ୍ଗର ସୁର, କେତେ ନିରୀହ ଆଖିରେ ସେ କେତେ କ'ଣ କୁହେ। ତା'ର ଏମିତି ମୃତ୍ୟୁ ଦେଖିବା ସମ୍ଭବ ନୁହେଁ ମୋ' ପକ୍ଷେ। ଦୀର୍ଘ ଏଗାର ଦିନ ସଂଘର୍ଷ ପରେ ମୋର ଆର୍ଟ୍ସ ନେଇ ପଢ଼ିବା ସ୍ଥିର ହେଇଛି। ଏ ସବୁ ପାଇଁ ମୋ' ସହ ଦାୟୀ କରାଯାଇଛି ମୋ' କବିତାକୁ।


ଆଉ ମୁଁ ନିରବରେ ହେଉ ବା ହଇଚଇରେ, ପ୍ରତିଟି ସମୟ କବିତାର ହାତଧରି ହିଁ ଠିଆହେଇଛି। ମୋ' ଜୀବନର ଉତ୍ଥାନ, ପତନ ଓ ଆବହାୱା ଅନେକ କିଛି ଶିଖାଇଛି ମୋତେ। ଯେଉଁଦିନ ବିଭିନ୍ନ ପତ୍ରପତ୍ରିକାରେ ମୋ' କବିତାଗୁଡ଼ିକ ପଢ଼ି ଲିପି ପ୍ରକାଶନୀ ତରଫରୁ ଫୋନ୍‌ଟେ ଆସିଛି ମୋ' ପାଖକୁ, ସେତେବେଳେ ଲାଗିଛି ସତରେ କ'ଣ ମୋ' ବହି ପ୍ରକାଶିତ ହେବ ! ସତରେ କ'ଣ କେହି ପଢ଼ିବେ ଏ ସବୁ! ଏକ ଅସହାୟତା, ଅନେକ ବେଶୀ ଖୁସି ଆଉ ଶବ୍ଦରେ ବୁଝାଇପାରୁ ନ ଥିବା ଗୋଟେ ଫେଣ୍ଟାଫେଣ୍ଟି ଅନୁଭବ ଭିତରେ ଅନେକ ବେଳ କଟିଛି। ଶେଷରେ ମୋ' ପରିବାରର ଅନୁମୋଦନ କ୍ରମେ ପ୍ରକାଶିତ ହେଇଛି ମୋର ପ୍ରଥମ କବିତା ସଂକଳନ ''ଆଉ କେବେ କୁହନି ସେ କଥା'' ୨୦୦୦ ମସିହାରେ। ଯେଉଁ ଦିନ ବହିଟି ପ୍ରତିଭା ଶତପଥୀ ମ୍ୟାମ୍‌ଙ୍କ ଦ୍ୱାରା ଆଦୃତ ଓ ଲୋକାର୍ପିତ ହେଇଛି, ସେଦିନ ବହୁତ କାନ୍ଦିଛି ଆଉ ବହୁତ ମନେ ପକେଇଛି ମୋ' ବିକ୍ରି ହେଇଯାଇଥିବା ସେ କବିତା ଖାତାକୁ। ଲାଗିଛି କ'ଣ କ'ଣ ସବୁ ହଜେଇ ଦେଲି ସେ ଖାତା ସହ କେଉଁଠି କେଉଁ ପୃଷ୍ଠାରେ ଥିଲା ମୋ' ପିଲାଦିନ, ମୋ' ରାଗରୁଷା, ମୋ' ପ୍ରିୟ ବରଗଛ, ମୋ' ସ୍କୁଲ ଦରୱାନ୍‌ର ମୁହଁ, କେଉଁଠି ଆହାଃ ହଜିଲା ସେ ସବୁ!


ବିଜୟଲକ୍ଷ୍ମୀ ପରିଡ଼ା




ବିଶ୍ୱାସ କରନ୍ତୁ, ଏ ଯାଏଁ ବି ଭାବେ କେଉଁଦିନ କବାଡ଼ିବାଲାଟେ କଲିଂବେଲ୍ ମାରି କହିବ କି- ଆଜ୍ଞା, ଏ ଖାତା ଆପଣଙ୍କର ? ଆଉ ସେଇ ଅପେକ୍ଷା, ସେଇ କୌତୂହଳ ଆଚ୍ଛନ୍ନ ରଖିଛି ମୋର ସମଗ୍ର ସତ୍ତା।

ମୁଁ କବିତାଟିଏ ହେଇ ନିଜକୁ ଭେଟୁଛି, ଗଢୁଛି, ଭାଙ୍ଗୁଛି ପ୍ରତିମୁହୂର୍ତ୍ତ। ତେବେ କବିଟିଏ ହେଇଛି କି ନା ଜାଣିନି। ଅନେକ ଲୋକ ମୋତେ କହୁଥିବାର ଶୁଣିଛି- ମୁଁ କବି ଭଳି ଦିଶେନି ଜମା। କବି ଭଳି ଦିଶିବାର କିଛି ବାଗବନ୍ଧ ଅଛି କି ସତରେ !




## ମନକୁ ଆସିଯା'ନ୍ତି ଗୋକୁଳାନନ୍ଦ ମହାପାତ୍ର ସାହିତ୍ୟାୟନର 'ବିଜ୍ଞାନ-ସାହିତ୍ୟ' ପଢୁପଢୁ...

ମହାଶୟ,

✻ ସେପ୍ଟେମ୍ବର ୫ରୁ ୧୮ ତାରିଖ 'ସାହିତ୍ୟାୟନ'ର ଶେଷପୃଷ୍ଠାରୁ ଆରମ୍ଭ କରୁଛି। 'ପହିଲି ପୁଲକ'ରେ ସ୍ଥାନିତ ଡ. ଅଜାମ୍ବର ମଲ୍ଲଙ୍କ ''ପ୍ରଥମ ଗଳ୍ପ ଉଡ଼ିବାକୁ ମୋତେ ଡେଣା ଦେଇଛି''। ଗାଳ୍ପିକ ପଞ୍ଜାବୀ ଲେଖିକା ଅମୃତା ପ୍ରୀତମ୍‌ଙ୍କ ହସ୍ତରୁ ପୁରସ୍କାର ଗ୍ରହଣ କରିଥିଲେ, ତା' ସହ ଧରିତ୍ରୀ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ସ୍ମୃତିକୁ ରୋମନ୍ଥନ କରିବା ସହ ଭଦ୍ରକରୁ ବଲାଙ୍ଗୀର ତଥ୍ୟପୂର୍ଣ୍ଣ ହୋଇଛି। ପୁସ୍ତକ ପରିଚୟରେ 'ପୃଷ୍ଠାଏ ପ୍ରଣିପାତ' ରାଧାମୋହନ ମହାପାତ୍ରଙ୍କ କୃତିକୁ ଚିରସବୁଜ କରିବ। ଉପସଂହାରରେ ପ୍ରକୃତ ଦୋଷୀକୁ କାଠଗଡ଼ାରେ ଠିଆ କରେଇପାରିଛନ୍ତି ସେ। ଡ. ସୁରେଶ ଛୋଟରାୟଙ୍କ 'ସପନର ପଥେ ପଥେ' ଗଳ୍ପ, କନିଷ୍କଙ୍କ 'ହୋଓ ଭଗତେ' କାବ୍ୟ, ହିମାଂଶୁ କୁମାର ପଟ୍ଟନାୟକଙ୍କ 'ଅବୁଝ ଅପେକ୍ଷା' କବିତା ଏବଂ କବିତା ବାରିକଙ୍କ 'ସୃଜନର ଦିଗ ଓ ଦିଗନ୍ତ' ପାଠକ ମହଲରେ ମନଛୁଆଁ ହେବ ନିଶ୍ଚୟ। 'ପ୍ରଥମ ବହି' ସ୍ତମ୍ଭରେ 'ନିଃଶ୍ୱାସର ନଈକୂଳ' ବିମଳ ଜେନାଙ୍କ କୃତି ଅଭୁଲା ରହିବ। ଡ. ବିଜୟ କେତନ ପଟ୍ଟନାୟକଙ୍କ 'ଅଳ୍ପଦିନେ ଜହ୍ନରେ ମିଳିବ ଘର' ବିଜ୍ଞାନଭିତ୍ତିକ ଗଳ୍ପ, ତଥ୍ୟରେ ଭରପୂର। ଏହା ପଢୁପଢୁ ଗୋକୁଳାନନ୍ଦ ମହାପାତ୍ରଙ୍କ 'ଚନ୍ଦ୍ରର ମୃତ୍ୟୁ' ଓ 'ଉଡ଼ନ୍ତା ଥାଳିଆ' କଥା ଆପେଆପେ ମନକୁ ଆସିଯାଏ। 'ସ୍ମରଣୀୟ'ରେ ସ୍ଥାନିତ 'ଭରାନଈ' ରୋମାଣ୍ଟିକ୍‌ରୁ ଆରମ୍ଭ ହୋଇ ଟ୍ରାଜେଡିରେ ଶେଷ ହୋଇଛି। ଗଳ୍ପର ନାୟିକା 'ଲିଜାର ଆସାଢ଼ ଦେହ ସେଇ ଭରା ନଈରେ' ନାମକରଣକୁ ଓଦା କରିଦେଇଛି। ଗୋପାଲ ଦାସ ସାକସେନା (ନୀରଜ) ୦୪।୦୧।୧୯୨୫ରୁ ୧୯।୦୭।୨୦୧୮ଙ୍କ ମୃତ୍ୟୁ ଦୁଃଖଦାୟକ, ଏହି କବିଙ୍କ ଗୀତଗୁଡ଼ିକ ହିନ୍ଦୀ ଫିଲ୍ମର ଅମୂଲ୍ୟ ସମ୍ପଦ। 'କନ୍ୟାଦାନ'ର 'ଲିଖେ ଯୋ ଖତ ତୁଝେ ଓ ତେରେ ୟାଦ୍‌ମେ' ଭାତହାଣ୍ଡିରୁ ଗୋଟିଏ। ବାସ୍ତବରେ ସେ ଥିଲେ 'ହିନ୍ଦୀର ବୀଣା'। ଅନସୂୟା ପଣ୍ଡାଙ୍କ 'ଝଗଡ଼ା'ର ସେଣ୍ଟ୍ରେଲ ଆଇଡିଆ ହେଉଛି ଦୁଇପାପୁଲି ଦ୍ୱାରା ହିଁ ତାଳି ବାଜେର ସୂଚନା। କବିତା ପୃଷ୍ଠାସ୍ଥ ଧନଞ୍ଜୟ ସ୍ୱାଇଁଙ୍କ 'ତୋ ଲାଗି ମେଘ ମୋତିହୋଇ ଝରେ' ଉଚ୍ଚ ଚିନ୍ତାଧାରାକୁ ସୂଚିତ କରେ। ଡ. ସୂଚନା ପାଢ଼ୀଙ୍କ 'ମୃତ୍ୟୁ ଛୁଇଁବ ଧୀରେ ଧୀରେ'ରେ ନିଚ୍ଛକ ସତ୍ୟକୁ ଚୁମ୍ବକରେ ବର୍ଣ୍ଣନା କରାଯାଇଛି। ଡା. ମନୋରଞ୍ଜନ ଦାଶଙ୍କ 'ବାପା', ଡ. ଅବଦୁଲ ଓସିଦ୍‌ଖାଁଙ୍କ 'ମଣିଷ ଆଙ୍ଗୁଳେ' ଏବଂ ଅଜିତ ଦାଶ ମହାପାତ୍ରଙ୍କ 'ମୋତେ ଟିକିଏ ବାଟ ଛାଡ଼' ଏକକୁ ଆରେକ ଚମତ୍କାର ହୋଇଛି।

**– ପ୍ରତାପ ଚନ୍ଦ୍ର ପାଢ଼ୀ (ଶିକ୍ଷକ)**
**ରେଣ୍ଟହାଉସ, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ**

✻ ୫-୧୮ ସେପ୍ଟେମ୍ବର, ୨୦୧୮ ସଂଖ୍ୟାରେ ପ୍ରକାଶିତ 'ସାହିତ୍ୟାୟନ' ପତ୍ରିକା ପାଠକଲି। 'ସ୍ମରଣୀୟ'ରେ ପ୍ରକାଶିତ କଥାକାର ବିଜୟ ନାୟକଙ୍କ ବ୍ୟକ୍ତିଗତ ତଥା ସାହିତ୍ୟିକ ଜୀବନୀ ଓ ତାଙ୍କ ଲେଖନୀ ନିଃସୃତ 'ଭରାନଈ' ଗଳ୍ପ ମନକୁ ଛୁଇଁଗଲା। 'ବିଜ୍ଞାନ-ସାହିତ୍ୟ' କ୍ରମରେ ଡ. ବିଜୟ କେତନ ପଟ୍ଟନାୟକଙ୍କ ଲେଖା 'ଅଳ୍ପ ଦିନେ ଜହ୍ନରେ ମିଳିବ ଘର' ବାସ୍ତବଧର୍ମୀ ଓ ସମୟୋଚିତ। କବିତା ପୃଷ୍ଠାରେ କବି ଅଜିତ ଦାଶ ମହାପାତ୍ରଙ୍କ 'ମୋତେ ଟିକିଏ ବାଟ ଛାଡ଼' ଶୀର୍ଷକ କବିତାଟି ହୃଦୟସ୍ପର୍ଶୀ ହୋଇପାରିଛି।

**– ବିଜୁ ସାହୁ, ଖଣ୍ଡାଏତା, କଟକ**

✻ ୫ ସେପ୍ଟେମ୍ବର ୨୦୧୮ ସଂଖ୍ୟାରେ ପ୍ରକାଶିତ 'ସାହିତ୍ୟାୟନ' ପତ୍ରିକା ପାଠକଲି। ଉକ୍ତ ସଂଖ୍ୟାର 'ସ୍ମରଣୀୟ' ପୃଷ୍ଠାରେ ପ୍ରକାଶିତ ତଥା ବିଜୟ ନାୟକଙ୍କ 'ଭରାନଈ' ଗଳ୍ପ ଅତୀବ ଶିକ୍ଷଣୀୟ ତଥା ରୁଚିପୂର୍ଣ୍ଣ ହେବା ସହିତ ପୃଷ୍ଠା-୮ରେ ସ୍ଥାନିତ 'ପୁସ୍ତକ ପରିଚୟ' ସ୍ତମ୍ଭକୁ ପାଠ କରି ଏକାଧିକ ସାହିତ୍ୟିକଙ୍କ ଲେଖନୀନିଃସୃତ ସାହିତ୍ୟକୃତି ସମ୍ପର୍କରେ ଅବଗତ ହୋଇ ଉପକୃତ ହେଲି।

**– ପ୍ରମୋଦ, ନିରଞ୍ଜନ, ଲିପି, ଟୁଲା, ଟୁଟୁ, କୋରକୋରା, କଟକ**

✻ ୧୫ ଦିନ ବ୍ୟବଧାନରେ ଧରିତ୍ରୀ ତରଫରୁ ପ୍ରକାଶ ପାଉଥିବା 'ସାହିତ୍ୟାୟନ' ମୋର ହସ୍ତଗତ ହେଲା। ଜିତେନ୍ଦ୍ର ନାୟକଙ୍କ ଗପ ମୋତେ ଭଲ ଲାଗିଲାନି। ଆଉ କାହାକୁ ଭଲ ଲାଗିପାରେ। ମହାଶ୍ୱେତା ସାହୁଙ୍କ 'ଆଉ ଥରେ ଘିନୁଆ' ଖୁବ୍ ଶିକ୍ଷଣୀୟ। ଭ୍ରଷ୍ଟାଚାରୀକୁ ଶାସ୍ତି ଦେଲା ଭଳି ଗପ। ବିନୋଦିନୀ ସାହୁଙ୍କ 'ମାଷ୍ଟ୍ରେଙ୍କ ଝିଅ' ଗପଟି ମନ୍ଦ ନୁହେଁ। ଶେଷକୁ ରହିଲେ ବିଶ୍ୱପ୍ରସିଦ୍ଧ ନୋବେଲ ପୁରସ୍କାର ବିଜୟୀ ଭି.ଏସ୍. ନଇପଲ। ଜଣେ ଉଚ୍ଚକୋଟୀର ସାହିତ୍ୟିକ ବୋଲି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି। ତାଙ୍କ ସାହିତ୍ୟକୃତି ଯିଏ ପଢ଼ିଥିବ ଉଚ୍ଚମାନର କି ନିମ୍ନମାନର କହିପାରିବ। ହୃଷୀକେଶ ବାବୁ ତାଙ୍କ ସାହିତ୍ୟକୃତି ପଢ଼ିଛନ୍ତି। ତେଣୁ ଭୂରିଭୂରି ପ୍ରଶଂସା କରି କାଳଜୟୀ ସାହିତ୍ୟିକ ବୋଲି କହିଛନ୍ତି। ନଇପଲ୍ ଭାରତ ବଂଶୋଦ୍ଭବ ହୋଇପାରନ୍ତି, କିନ୍ତୁ ଭାରତ ଏବଂ ଆମ ଓଡ଼ିଶାକୁ ହେୟ ଦୃଷ୍ଟିରେ ଦେଖନ୍ତି ବୋଲି ମୁଁ ଖବରକାଗଜରୁ ପଢ଼ିଛି। ଓଡ଼ିଶାକୁ ସେ ପଛୁଆ ରାଜ୍ୟ ବୋଲି କୁହନ୍ତି, ଯାହା କି ଓଡ଼ିଶା ପ୍ରତି ଅପମାନ। ଓଡ଼ିଶା ଏକ ସୁନ୍ଦର ଓ ବିକାଶଶୀଳ ରାଜ୍ୟ।

**– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

**ଆମ ଉତ୍ତରः** ସବୁ ଲେଖା ସମସ୍ତଙ୍କୁ ଭଲ ଲାଗେନି। ଏହା ସୃଜନଶୀଳ ସାହିତ୍ୟର ରୀତି। ଭଲ ଲାଗିବା ଓ ନ ଲାଗିବା ଲେଖା ସବୁ ପଢୁଥିବାରୁ ଆପଣଙ୍କୁ ଧନ୍ୟବାଦ। ନଇପଲଙ୍କୁ ଓ ତାଙ୍କ ସାହିତ୍ୟକୁ ପଢ଼ନ୍ତୁ। ନଇପଲଙ୍କ ସମ୍ପର୍କରେ ଆପଣଙ୍କ ମନରେ ଥିବା ଖବରକାଗଜ ପ୍ରସୂତ ଧାରଣା ବଦଳିଯିବ।

**– ସାହିତ୍ୟାୟନ**

✻ ''ଗୁଣ୍ଡୁଚି ଉଣ୍ଡୁଛି ସାଥୀକୁ ତା'ର, ଝରିପଡ଼େ ପାଣି ଝରଣା ତଳ। ଥୁଣ୍ଟା ଗଛମୂଳେ ବସିଣ ଜଣେ, ଗଲେ ଉଡ଼ି ନଭେ ବିହଙ୍ଗମାନେ।'' ଏ ସବୁ ପ୍ରଚ୍ଛଦରେ ଧରି ପଦାର୍ପଣ କରିଥିବା ସାହିତ୍ୟାୟନ ୧୯ ସେପ୍ଟେମ୍ବରକୁ ଅଜସ୍ର ଶୁଭେଚ୍ଛା। 'ପ୍ରଥମ ବହି' କ୍ରମରେ ଅଭୟ ବାବୁଙ୍କ 'ଫୁଲଝୁଡ଼ି'ର ଲୋକାର୍ପଣ ଝୁଡ଼ିଏ ବିଦ୍ୱାନ୍‌ଙ୍କ ମେଳରେ ହୋଇଥିଲା। ଯାହାହେଉ, ଅୟମାରମ୍ଭ ଫୁଲଝୁଡ଼ିରୁ ଅଭୟବାବୁ କେତେ ଫଳ ସବୁ ଅମଳ କଲେଣି। ଜିତେନ୍ଦ୍ରବାବୁ ମାଲେସିଆର 'ବିନ୍‌ତାଙ୍ଗ୍ ଗଳି ଓ ମସାଜ୍'ରେ ଏକ ସୁନ୍ଦର ମେସେଜ୍ ଦେଇଛନ୍ତି, ଯାହାହେଲା ପଇସା ଦେଇ ଦେହ କିଣି ହେବ କିନ୍ତୁ ମନକୁ ନୁହେଁ। ଦାରିଦ୍ର୍ୟ ସେମାନଙ୍କୁ ମାନବିକତା ଶିଖାଇଛି କିନ୍ତୁ ପଣ୍ୟ କରିନି । ସ୍ୱର୍ଗତ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଯୁଗାନ୍ତକାରୀ ଗଳ୍ପ 'ଶିକାର' ଯାହା ପରେ ହିନ୍ଦୀରେ 'ମୃଗୟା' ହୋଇ ପୁରସ୍କୃତ ହୋଇଥିଲା, ତା'ର ଅବିକଳ 'ଆଉ ଥରେ ଘିନୁଆ'ରେ ମହାଶ୍ୱେତା ସାହୁ ବଡ଼ ଚମତ୍କାର ଶ୍ୱାସରୋଧକାରୀ ଗଳ୍ପଟିଏ ଲେଖିଛନ୍ତି। ବାସ୍ତବତାର ପଟ୍ଟଭୂମିରେ 'ସୁକୁଟା'ର ଶଙ୍କି କାଟି ଘିନୁଆ ସିନା ଜିଅଲ ଯିବ, ଫାଶୀ ପାଇବ, କିନ୍ତୁ ବନିତା ଆଉ କ'ଣ ଫେରିବ ? ମାଷ୍ଟ୍ରେଙ୍କ ଝିଅ 'ଜିତା' ନିଜେ ଗାଳିମନ୍ଦ ଅପମାନକୁ ଗିଳିଦେଇ ନଣନ୍ଦ 'ତାନି' ତଥା ଶାଶୁଙ୍କ ହୃଦୟ ଜିତିଗଲା। ସେଥିଲାଗି ଗାଳ୍ପିକା ବିନୋଦିନୀ ମିଶ୍ରଙ୍କୁ ବିନମ୍ର ନିବେଦନ ଏପରି ପ୍ରେରଣାଦାୟୀ ଗଳ୍ପ ଆହୁରି ଲେଖନ୍ତୁ। 'ଭାରତ-ଭାରତୀ'ରେ କିଛି ଲେଖିକାଲେଖକଙ୍କ ପାଇଁ ଭି.ଏସ୍. ନଇପଲ୍ ନୂଆ ୭ଟି ଉପଦେଶ ଠିକ୍ ସେଭେନ୍ କମାଣ୍ଡାଣ୍ଟ ପରି 'I have no views, no philosophy- just a bundle of reactions.' ସତରେ କଲରା ପାଟିକୁ ପିତା, ଦେହକୁ ହିତ। କବିତା ଉପବନରେ ଏଥର ଲିଙ୍ଗରାଜ ବାବୁଙ୍କ କବି ଶବ୍ଦ ଛକଶୂନ୍ ଖେଳୁଛି, ଅସୀମାଙ୍କ ମାଟି ତ କେବଳ ମାଟି । ତା'ର ବିକଳ୍ପ ନ ଥାଏ। ସୁବାସବାବୁ 'ସାପ'ର ଠିକଣା ଖୋଜିବାରେ ବ୍ୟସ୍ତ, ଈଶ୍ୱର ଅନ୍ୟମନସ୍କ ବୋଧେ ଆସାମର ଦେଶୀ/ପରଦେଶୀ ଉପରେ ଲିଖିତ ଆଉ ଶେଷରେ ଯଶୋଧାରା ମିଶ୍ରଙ୍କ ଆଶ୍ଚର୍ଯ୍ୟ ହେବା ସରିଲାନି। 'ପହିଲି ପୁଲକ'ର 'ପହେଲିବାନ' ସ.ସ. ଅଲ୍ଲିବାବୁଙ୍କୁ ପ୍ରକୃଷ୍ଟ ମଇଦାନ ଯୋଗାଇଛି ଧରିତ୍ରୀ, ଜାଣି ଖୁସିହେଲି। ଏଥର 'ପୁସ୍ତକ ପରିଚୟ' ୫ଟି ଉପାଦେୟ ପୁସ୍ତକ ସମୀକ୍ଷାର ଉତ୍କୃଷ୍ଟ ସମାହାର।

**– ସୁସ୍ମିତା ପୁରୋହିତ, ସଦେଇପାଲି, ନୂଆକଲୋନୀ, ବୁର୍ଲା, ସମ୍ବଲପୁର**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**


**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ସାରା ସାଗୁଫ୍ତା

**ଅନେକ ବର୍ଷ ତଳେ ଅମ୍ରିତାଙ୍କ ସହ ତାଙ୍କ ଘରେ କଥା ହେଲାବେଳେ ସିଏ ଖୁବ୍ ଅନ୍ୟମନସ୍କ ରହୁଥିଲେ। ସହଜେ ସେ କମ୍ କଥା କହନ୍ତି, ଆଉ ଏଥର ତା'ଠାରୁ ବି କମ୍। ଇମ୍‌ରୋଜଙ୍କୁ ପଚାରିଲି। କହିଲେ– ''କାଲି ଅନେକ ରାତି ଯାଏ ସାରା କଥା ପଡ଼ିଥିଲା। ସେଥିପାଇଁ ସିଏ ଆଜି ଏତେ ଉଦାସ ରହିଛି।'' ପାକିସ୍ତାନର ପ୍ରସିଦ୍ଧ କବି ସାରା ସାଗୁଫ୍ତା। ଅମ୍ରିତାଙ୍କ ସହ ସମ୍ପର୍କ ତାଙ୍କର ଖୁବ୍ ନିବିଡ଼। ନିୟମିତ ଚିଠିର ଆଦାନପ୍ରଦାନ ହେଉଥିଲା। ସାହିତ୍ୟ, ବ୍ୟକ୍ତିଗତ ଜୀବନ ଓ ଜୀବନର ଆହୁରି ଅନେକ ସମସ୍ୟାକୁ ନେଇ। ତାଙ୍କର ଦିଲ୍ଲୀ ଆସିବାର ଥିଲା। ଅମ୍ରିତାଙ୍କ ପାଖରେ କିଛିଦିନ ରହିଥାନ୍ତେ, କିନ୍ତୁ ଅଚାନକ ଖବର ଆସିଲା ସାରା ଆତ୍ମହତ୍ୟା କରିଦେଇଛନ୍ତି। ଇୟେ ୧୯୮୪ ମସିହା କଥା। ଏମିତି ଜଣେ କବି ସାରା ସାଗୁଫ୍ତା, ଯାହାଙ୍କୁ ଅମ୍ରିତା ବି ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ନିଜ ଜୀବନକୁ ନେଇ ସିଏ କେତେ କଷ୍ଟ ପାଇଥିଲେ। ତାକୁ ଲେଖି ଅମ୍ରିତାଙ୍କ ପାଖକୁ ପଠଉଥିଲେ। ସେ ଯେଉଁ ଚିଠିସବୁ ଲେଖିଥିଲେ ଅମ୍ରିତାଙ୍କୁ, ଏଠି ସେଥିରୁ ଗୋଟିଏ...**




**ମୂଳଲେଖା: ଅମ୍ରିତା ପ୍ରୀତମ୍**

**ଅନୁସୃଜନ: ପ୍ରବାସିନୀ ମହାକୁଡ଼**

ସାରା ସାଗୁଫ୍ତାଙ୍କ ଜନ୍ମ ୩୧ ଅକ୍ଟୋବର ୧୯୫୪ରେ ପାକିସ୍ତାନର ଗୁଜ୍‌ରନ୍‌ୱାଲାରେ। ସାରାଙ୍କ ପରିବାର ଭାରତ ବିଭାଜନ ସମୟରେ ପଞ୍ଜାବରୁ କରାଚି ଚାଲିଯାଇଥିଲେ। ଜୀବନରେ ଚାରି ଥର ବିବାହ, କିନ୍ତୁ ସବୁଯାକ ଥିଲା ଅସଫଳ। ୪ ଜୁନ୍ ୧୯୮୪ରେ, ମାତ୍ର ୨୯ ବର୍ଷ ବୟସରେ ଏହି ଲେଖିକା ଏକ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ନିଜ ଜୀବନର ଅନ୍ତ ଘଟାଇଥିଲେ। ମୃତ୍ୟୁ ପରେ ପ୍ରେମିକ ସୟିଦ୍ ଅହମ୍ମଦଙ୍କ ଉଦ୍ୟମରେ ପ୍ରକାଶ ପାଇଥିଲା ତାଙ୍କ କବିତା ସଂକଳନ 'ଆଖେଁ' ଓ 'ନିନ୍ଦ୍ କା ରଙ୍ଗ'। ଲେଖିକା ଅମ୍ରିତା ପ୍ରୀତମ୍ ଥିଲେ ସାରାଙ୍କ ଅନ୍ତରଙ୍ଗ ବାନ୍ଧବୀ, ଯିଏ ତାଙ୍କ ଜୀବନୀ ଓ କୃତିକୁ ନେଇ ଦୁଇଟି ବହି ଲେଖିଥିଲେ, ଯାହାର ଶୀର୍ଷକ ଥିଲା 'ଏକ୍ ଥି ସାରା' (୧୯୯୦) ଓ 'Life and poetry of Sara Shagufta' (୧୯୯୪)।

ଅମ୍ରିତା !
ଅଧିକାଂଶ ସମୟ ମୁଁ ତୁମକୁ ଅଯଥା ହଇରାଣ କରୁଛି ବୋଲି ମନେହେଉଛି, କିନ୍ତୁ ତୁମ ବ୍ୟତୀତ କାହା ପାଖକୁ ଏ ଚିଠି ମୁଁ ଲେଖି ପାରିଥା'ନ୍ତି ? ତୁମକୁ କେବେ ବି କହିନି ମୁଁ କେମିତି କବିତା ଲେଖିବା ଆରମ୍ଭ କଲି।

ପାଞ୍ଚ ବର୍ଷ ତଳେ ଜଣେ କବି କିଛିକିଛି କବିତା ସାମୟିକ ଭାବରେ ଲେଖୁଥିଲେ। ମୋ' ସହ ସିଏ ପରିବାର ନିୟନ୍ତ୍ରଣ ବିଭାଗରେ କାମ କରୁଥିଲେ। ମୁଁ ସେତେବେଳେ ଏତେ ଧର୍ମଭୀରୁ ଥିଲିଯେ କାହାରିକୁ ଆଖିଟେକି ଚାହିଁବା ବି ପାପ ବୋଲି ଭାବୁଥିଲି। ଆମ ଘରଠୁ ଅଫିସ୍‌ଯାଏ ଯାଇଥିବା ରାସ୍ତାକୁ ବି ଠିକ୍ ଭାବରେ ଚିହ୍ନି ନ ଥିଲି। ନା, ମୋର ସେତେବେଳେ ପଢ଼ାପଢ଼ି କି ଲେଖାଲେଖି ପ୍ରତି ଆଦୌ ଆଗ୍ରହ ନ ଥିଲା। କିନ୍ତୁ ଏତିକି ଜାଣିଥିଲିଯେ କବିମାନେ ଜ୍ଞାନୀ ଆଉ ମହାନ୍। ଦିନେ ସେଇ କବି ଜଣକ ମୋତେ କହିଲେ– ''ମୋର ତୁମକୁ କିଛି ସିରିୟସ୍ କଥା କହିବାକୁ ଅଛି।'' ଆମେ ପରସ୍ପରକୁ ଗୋଟେ ରେସ୍ତୋରାଁରେ ଭେଟିଲୁ ଏବଂ ପରବର୍ତ୍ତୀ ଦେଖାରେ ବିବାହ କରିବୁ ବୋଲି ନିଷ୍ପତ୍ତି ନେଲୁ। ମୁଁ କହିଥିଲି– ''ପଇସା ପାଇଁ ଲୋନ୍ କରିବାକୁ ହେବ। ଯେହେତୁ ମୋ' ପରିବାରର କେହି ଏ ବାହାଘରକୁ ସ୍ୱୀକୃତି ଦେଉନାହାନ୍ତି, ତେଣୁ ସେମାନେ ଆସିବେନି। ମୋ' ପାଇଁ ତୁମେ ସାକ୍ଷୀ ଯୋଗାଡ଼ କରିବ।'' ମୁଁ ଗୋଟେ ସାଙ୍ଗ ପାଖରୁ ତା'ର ବିବାହ ପୋଷାକ ମାଗି ଆଣିଲି ଓ ଆମେ ଆଗରୁ ଠିକ୍ କରିଥିବା ସ୍ଥାନରେ ପହଞ୍ଚିଲୁ। ଏମିତି ଆମର ବାହାଘର ହେଇଗଲା। କାଜି ସାହେବ ତାଙ୍କ ପ୍ରାପ୍ୟ ସହ ମିଠା ଖାଇବାକୁ ଚାହିଁଲେ ଓ ଆମ ପାଖରେ ଆଉ ମାତ୍ର ଛ'ଟଙ୍କା ଥିଲା। ଆମ ଛୋଟଘରେ ପହଞ୍ଚିଲା ବେଳକୁ ହାତରେ ମାତ୍ର ଦୁଇଟା ଟଙ୍କା !

ମୁଣ୍ଡରେ ଓଢ଼ଣା ଦେଇ ଲଣ୍ଠନର ଧିମା ଆଲୋକ ତଳେ ମୁଁ ବସିଥିଲି। କବିଙ୍କର ପ୍ରଥମ କଥା– 'ତୁମ ପାଖରେ ଦୁଇଟା ଟଙ୍କା ହେବ ? ମୋ' ବନ୍ଧୁମାନେ ବାହାରେ ଛିଡ଼ା ହେଇଛନ୍ତି। ଫେରିବା ପାଇଁ ସେମାନଙ୍କ ପାଖରେ ପଇସା ନାହିଁ।' ମୁଁ ବଳକା ଦୁଇଟଙ୍କା ତାଙ୍କ ହାତକୁ ବଢ଼େଇ ଦେଲି।

ଯା'ପରେ ଦିନେ ସେ ମତେ କହିଲେଯେ ତାଙ୍କ ପରିବାରର କୌଣସି ସ୍ତ୍ରୀଲୋକ କାମ କରିବାକୁ ଯାଆନ୍ତି ନାହିଁ। ଅଗତ୍ୟା ମୋତେ ଚାକିରି ଛାଡ଼ିବାକୁ ହେଲା। କବିତା ଲେଖି ନାଁ କରିବାକୁ ଯାଉଥିବା କବି ଓ ସମାଲୋଚକମାନେ ଘରକୁ ଆସି ଦୀର୍ଘ ସମୟ ଧରି ଗପୁଥିଲେ। ସତେ ଯେମିତି ଜଣେଜଣେ ଗୋଟେଗୋଟେ ଏଲିୟଟ୍। ମୋର ଜ୍ଞାନୀମାନଙ୍କ ପ୍ରତି ଶ୍ରଦ୍ଧା ଥିଲା। ବୁଦ୍ଧିଜୀବୀ, କବି, ସାହିତ୍ୟିକମାନଙ୍କ ପ୍ରତି ଦୁର୍ବାର ଆକର୍ଷଣ ଥିଲା, କିନ୍ତୁ ସେଥିରେ କି ଶୋଷ ମରେ ? ପ୍ରତିଦିନ ଚୁଲି ମୁଣ୍ଡରେ ଆମ ଭିତରେ ଦାର୍ଶନିକ କଥା ସବୁ ଆଲୋଚିତ ହେଉଥିଲା। ଆଉ ଆମେ ଶବ୍ଦକୁ ନେଇ ଜୀବନ ଜିଉଥିଲୁ।




ଏମିତି ଗୋଟେ ଦିନ ଆସିଲା, ଶେଷରେ ଆମକୁ ସେଇ କୁଡ଼ିଆରୁ ବାହାରିଯିବାକୁ ପଡ଼ିଲା ; କାରଣ ସେଇଟା ଅନ୍ୟ କାହାର ଥିଲା। ଆମେ ଗୋଟେ ଛୋଟ ଘରର ଅଧାଅଂଶ ଭଡ଼ା ନେଇ ରହିଲୁ। ଏଥର ମୋର କାମ ହେଲା ଚଟେଇରେ ଶୋଇ ରହି ଶୂନ୍ୟ ଆଖିରେ କାନ୍ଥକୁ ଚାହିଁବା ଓ ନିଜ ବୋକାମିର ଶିକାର ହୋଇ ନିଜକୁ ଧିକ୍କାର କରିବା।

ସାତ ମାସର ଗର୍ଭଯନ୍ତ୍ରଣା ମୋତେ ବିବ୍ରତ କରି ପକେଇଲା। ନିଜ ବୁଦ୍ଧିରେ ବୁଡ଼ି ରହୁଥିବା ମୋର ସେଇ କବି ସ୍ୱାମୀ ମୋତେ ଦେଖିବା ତ ଦୂରେଥାଉ ମୋ' କଷ୍ଟକୁ ଏତେ ଟିକେ ବି ବୁଝିବାକୁ ଚେଷ୍ଟା ନ କରି କୁଆଡ଼େ ବାହାରିଗଲେ। ମୋର ଏ କଷ୍ଟ ସହି ନ ପାରି ଘର ମାଲିକାଣୀ ମୋତେ ଗୋଟେ ଡାକ୍ତରଖାନାକୁ ନେଇଗଲେ। ସେତେବେଳକୁ ମୋ' ଦେହ ଯନ୍ତ୍ରଣା ଜର୍ଜରିତ ଓ ମୋ' ପାଖରେ ମାତ୍ର ପାଞ୍ଚଟଙ୍କାର ଖଣ୍ଡେ ନୋଟ୍।

ପ୍ରବଳ ଶୀତର ଅତ୍ୟାଚାରରେ ମତେ ଯନ୍ତ୍ରଣାରୁ ମୁକ୍ତି ଦେଇ ଶିଶୁପୁତ୍ର ମୋର ଏଇ ପୃଥିବୀକୁ ଆସିଲା, ଅଥଚ ମୋ' ପାଖରେ ତାକୁ ଘୋଡ଼େଇ ଦେବାକୁ ଖଣ୍ଡେ କନା ବି ନ ଥିଲା। ଡାକ୍ତର ପୁଅକୁ ଆଣି ମୋ' ପାଖରେ ଶୁଆଇଦେଲେ। ଶିଶୁଟି ଅତି ବେଶି ହେଲେ ମାତ୍ର ପାଞ୍ଚ ମିନିଟ୍ ପାଇଁ ଆଖି ଖୋଲିଲା ଓ ତା' ଚଦର ଖୋଜିବା ପାଇଁ ମୋତେ ସବୁଦିନ ଲାଗି ଛାଡ଼ି ଚାଲିଗଲା।

ସେଇଦିନଠୁ ସେଇ ଆଖି ମୋର ସାରା ଦେହକୁ ଚାହିଁ ରହିଛି।

ଡ୍ୟୁଟିରେ ଥିବା ସିଷ୍ଟର ଜଣକ ମୋତେ ଅନେକ ସାହାଯ୍ୟ କରିଛନ୍ତି। ମୁଁ ତାଙ୍କୁ ଘରକୁ ଯିବାକୁ ଅନୁମତି ମାଗିଲି ଓ ମୋର ଏଇ ଅବସ୍ଥା ସମ୍ପର୍କରେ କେହି ଜାଣିନାହାନ୍ତି ବୋଲି କହିଲି। ସେ ମତେ ତୀକ୍ଷ୍ଣ ଭାବରେ ଚାହିଁଲେ ଓ କହିଲେ– ''ସେପ୍‌ଟିକ୍ ହେଇଯିବାର ଭୟ ଅଛି। ଦୟାକରି ବିଛଣାରେ ଶୋଇ ରୁହନ୍ତୁ।'' ହେଲେ ବର୍ତ୍ତମାନ ବିଶ୍ରାମ ନେବାର ସମୟ କାହିଁ ? ପାଖରେ ମୋର ମୃତଶିଶୁ ଓ ହାତରେ ମାତ୍ର ପାଞ୍ଚଟା ଟଙ୍କା। ମୁଁ ନର୍ସକୁ କହିଲି– ''ଡାକ୍ତରଖାନାର ବିଲ୍ ଦେବାକୁ ମୋ' ପାଖରେ ଟଙ୍କା ନାହିଁ। ମୁଁ ଘରକୁ ଯାଇ ଟଙ୍କା ନେଇ ଆସୁଛି। ଯଦି ଅବିଶ୍ୱାସ କରୁଛ, ତେବେ ମୁଁ ମୋର ମୃତ ପୁତ୍ରକୁ ଏଇଠି ରଖିଯାଉଛି, ଟଙ୍କା ନ ଦେଇ ମୁଁ କୁଆଡ଼େ ଯାଉନି।''

ମୁଁ ହସ୍ପିଟାଲ୍‌ର ଶିଡ଼ି ଓହ୍ଲେଇ ଆସିଲି। ମୋ' ଦେହରେ ସେତେବେଳକୁ ଜ୍ୱର ଭର୍ତ୍ତି। ଉତ୍ତାପ ୧୦୫ ଡିଗ୍ରୀ। ବସ୍‌ରେ ବସି ଘରକୁ ଆସିଲି। ମୋ' ଛାତିରୁ କ୍ଷୀର ବହିଯାଉଥିଲା। ମୁଁ ତାକୁ ଗ୍ଲାସ୍‌ରେ ଭର୍ତ୍ତି କରି ଗୋଟେ କୋଣରେ ରଖିଦେଲି। ଇତିମଧ୍ୟରେ ମୋର କବି ସ୍ୱାମୀ ତାଙ୍କ ବନ୍ଧୁମାନଙ୍କ ସହ ପହଞ୍ଚିଲେ। ମୁଁ ତାଙ୍କୁ ପୁଅ ହେବା ଓ ତା'ର ମୃତ୍ୟୁ ଖବର ଦେଲି। ଏ କଥାକୁ ସିଏ ସହଜ ଭାବରେ ନେଲେ ଓ ତାଙ୍କର ବନ୍ଧୁମାନଙ୍କୁ କହିଲେ। ଦୁଇମିନିଟ୍ ପାଇଁ କୋଠରିରେ ନୀରବତା ଛାଇଗଲା, କିନ୍ତୁ ତୃତୀୟ ମିନିଟ୍‌ରେ ସେମାନେ ତାଙ୍କ ଆଲୋଚନାରେ ମଜ୍ଜିଗଲେ–

– ଫ୍ରଏଡ୍‌ଙ୍କ ବିଷୟରେ କ'ଣ ଭାବୁଛ ?
– ର୍‍ୟାମ୍ବୋ ଏ ବିଷୟରେ କ'ଣ କହିଥିଲେ ?
– ଏବଂ ସାବି ?
– ୱାରିସ୍ ଶାହା ଜଣେ ଜ୍ଞାନୀଲୋକ ଥିଲେ ?

ଏଇ ଧରଣର କଥା ଆଗରୁ ଅନେକଥର ଶୁଣିଛି, କିନ୍ତୁ ବର୍ତ୍ତମାନ ଏଇ ଶବ୍ଦ ସବୁ ଭିନ୍ନ ରକମର ନିଷ୍ଠୁର ନିଷ୍ଠୁର ଶୁଭିଲା। ମୋତେ ଲାଗିଲା, ସତେ ଯେମିତି ଏଇ ବୁଦ୍ଧିଜୀବୀମାନେ ମୋ'ରକ୍ତରେ ଆଉ ର୍‍ୟାମ୍ବୋ ଓ ଫ୍ରଏଡ୍ ମୋ' ଗର୍ଭରୁ ମୋ' ପୁଅକୁ ଟାଣି ନେଉଛନ୍ତି।

ତମେ କ'ଣ ବିଶ୍ୱାସ କରିବ ଅମ୍ରିତା ?

ସେଇ ଦିନ ହିଁ ବୁଦ୍ଧି ମୋ' ରକ୍ତରେ ହସିବାକୁ ଲାଗିଲା ଏବଂ ପ୍ରକୃତ ଜ୍ଞାନ ପ୍ରଥମଥର ପାଇଁ ମୋ' ଘରେ ପାଦ ପକେଇଥିଲା। ଦେଖ ମୋ' ପୁଅର ଜନ୍ମ ମୋତେ କ'ଣ କରିଦେଲା ? ସେମାନଙ୍କର କଥାବାର୍ତ୍ତା ଦୀର୍ଘସମୟ ଯାଏ ଚାଲିଲା ଏବଂ ପ୍ରତି ମୁହୂର୍ତ୍ତରେ ନୀରବତା ମୃତ୍ୟୁ ଭଳି ମୋତେ ଚାହିଁ ରହିଥିଲା। ସେମାନେ କିଛି ସମୟ ପରେ ବାହାରିଗଲେ। ମୋ' ପାଖରେ ବର୍ତ୍ତମାନ ତିନି ଟଙ୍କା ଅଛି। ମୁଁ ମୋର ଗୋଟେ ସାଙ୍ଗ ପାଖରୁ ତିନିଶହ ଟଙ୍କା ଧାର ଆଣିଲି। ସେ ମୋତେ ନିରେଖି ଚାହିଁଲା ଓ ପଚାରିଲା– ''ତୋ' ଦେହ ଭଲନାହିଁ ?''

– 'ନା, ମୋତେ ସାମାନ୍ୟ ଜ୍ୱର। ମୁଁ ବେଶୀ ସମୟ ରହିପାରିବିନି। ଟଙ୍କା ଦେଇଥିବା ଲୋକ ମୋତେ ଅପେକ୍ଷା କରିଥିବ।'

ଅମୃତା ! ମୁଁ ହସ୍ପିଟାଲରେ ପହଞ୍ଚିଗଲି। ବିଲ୍ ଦୁଇଶହ ପଞ୍ଚାନବେ ଟଙ୍କା। ଏଇନା ମୋ' ପାଖରେ ପାଞ୍ଚ ଟଙ୍କା ଓ ମୋର ମୃତଶିଶୁ। କିଛି ଟଙ୍କା ସଂଗ୍ରହ କରି ଗୋଟେ ଚଦର କିଣିଦେବାକୁ ମୁଁ ଡାକ୍ତରଙ୍କୁ ଅନୁରୋଧ କଲି। ଯେଉଁଠି ବି ତାକୁ କବର ଦିଆଯିବ ଖଣ୍ଡେ ଚଦର ତ ଦର୍କାର ? ସେତେବେଳକୁ ମୋ' ପୁଅ ମୋ' ହୃଦୟର ଗଭୀରତମ ପ୍ରଦେଶରେ କବର ନେଇ ସାରିଥିଲା। ମୁଁ କାନ୍ଦି ପାରି ନ ଥିଲି, ଅଥଚ ଏକ ମର୍ମାନ୍ତିକ ଦୁଃଖ ଓଠରେ କମ୍ପୁଥିଲା। ମୁଁ ପାହାଚ ପାର ହେଇ ଆସିଲି। ପାଦରେ ଚପଲ ବି ନ ଥିଲା। ଏଇ ଆଘାତ ଯୋଗୁ ମୁଁ ମୋର ମାନସିକ ଭାରସାମ୍ୟ ହରେଇ ବସିଛି ବୋଲି ଡାକ୍ତର ଭାବିଲେ। ମୋ' ଅବସ୍ଥା ଓ ପୋଷାକରେ ରକ୍ତ ଦେଖି କଣ୍ଡକ୍ଟର ଟିକେଟ୍ ପାଇଁ ପଇସା ମାଗିଲାନି। ମୁଁ ବସ୍‌ରୁ ଓହ୍ଲେଇ ପାଞ୍ଚ ଟଙ୍କିଆ ନୋଟ୍‌ଟା ତାକୁ ଦେଇ ଚାଲିଆସିଲି।

ଘର ! ଘର ! ମୁଁ ଘରେ ପହଞ୍ଚିଗଲି।

ଗ୍ଲାସ୍‌ରେ ଥିବା ମୋ' ବୁକୁର କ୍ଷୀର ସେ ଯାଏ ସେମିତି ଥିଲା। ଚଦରଠୁ ବି ଆହୁରି ଧଳା, ଆହୁରି ଉଜ୍ଜ୍ୱଳ ! ନିଜ କ୍ଷୀରକୁ ଛୁଇଁ ଶପଥ କଲି ମୁଁ କବିତା ଲେଖିବି। ଗୀତ ଲେଖିବି। ଗୋଟେ କବି ହେବି ଏବଂ ସେ କ୍ଷୀର ନଷ୍ଟ ହେଇଯିବା ଆଗରୁ ମୁଁ ମୋର ପ୍ରଥମ କବିତା ଲେଖିଲି। କିନ୍ତୁ ମୋ' ତୃତୀୟ ଆଶା ଭୁଲ୍ ବୋଲି ପ୍ରମାଣିତ ହେଲା। ମୋତେ କେହି କବି କହିଲେନି। ବୋଧହୁଏ ମୁଁ ମୋର ଶିଶୁ ପାଇଁ ଗୋଟେ ଚଦର କିଣିଦେଇ ପାରିବି। ଅମ୍ରିତା ! ଆଜିକାଲି ମୋ' ଚାରିପାଖରେ ଗୋଟେ ଚିତ୍କାର ମୁଁ ଶୁଣେ, ଯିଏ କହୁଥାଏ 'କବି କବି' ; କିନ୍ତୁ ସେ ଯାଏ ମୋ' ଶିଶୁକୁ ମୁଁ ଗୋଟେ ଚଦର କିଣି ଦେବାର ସାମର୍ଥ୍ୟ ରଖିପାରି ନ ଥିଲି।ଏତେ ସବୁ ସତ୍ତ୍ୱେ ଜଳିଯାଇଥିବା ଶିଖାରେ ମୁଁ ଶୋଇଛି ଓ ସିଏ ମୋତେ ରୁଚିହୀନ ଭାବରେ ନିୟମିତ ଉପଭୋଗ କରୁଥିଲେ। ମୁଁ ତାଙ୍କୁ କେବେ ବି କହିପାରୁ ନ ଥିଲିଯେ ତାଙ୍କ କୋଠରିରୁ ମୋ'ଦେହରୁ ଆତ୍ମା ବୋଲି କିଛି ଗୋଟେ ସବୁଦିନ ପାଇଁ ବାହାରି ଚାଲିଯାଇଛି। ମୁଁ ଆହୁରି ନୀରବ ହେଇଗଲି। ଭଗବାନଙ୍କଠାରୁ ବି ଅଧିକ। ସେ ଯେତେବେଳେ ମୋ' ପାଖରେ ଶୋଉଥିଲେ ମୋତେ ଲାଗୁଥିଲା ଯେମିତି ମୋର ଆଉ ଗୋଟେ ଶିଶୁ ଘୋଡ଼େଇ ହେବାକୁ ନ ପାଇ ମରିଯିବାକୁ ବସିଛି।

**ରହୁଚି ଅମ୍ରିତା, ତୁମର ସାରା।**

**– ଷ୍ଟେଶନ ବଜାର, ଢେଙ୍କାନାଳ**

## ସ୍ମରଣୀୟ



କନିଷ୍କ

କନିଷ୍କଙ୍କ ଜନ୍ମ ୧୯୬୨ରେ, କେନ୍ଦ୍ରାପଡ଼ା ଜିଲା ଅସୁରେଶ୍ୱରର ଭିତରବଣ୍ଠ ଗାଁରେ। ପ୍ରକାଶିତ ପ୍ରମୁଖ ଗଳ୍ପଗ୍ରନ୍ଥ: 'ଚଢ଼େଇର ଘର', 'ପାଳଭୂତ', 'କନିଷ୍କ କଥାକଳ୍ପ' ଓ 'ହାତିମ୍‌ତାଇର ଘୋଡ଼ା'। ଉପନ୍ୟାସ: 'ଘାଟ' ଓ 'ପାପ'। କବିତା ସଂକଳନ : 'ମାୟା', 'ପର୍ବ' ଓ 'ହୋଓ ଭଗତେ'। କାନଶୁଣା ଲୋକଭାଷା ତାଙ୍କ କବିତାର ଶକ୍ତି ଓ ଆଖିଦେଖା ଘଟଣା ତାଙ୍କ ଗଳ୍ପ-ଉପନ୍ୟାସର ସମ୍ବଳ। ଏଥରର ସ୍ମରଣୀୟରେ ନାଁକରା ଏହି କଥାଶିଳ୍ପୀଙ୍କର ଏକ ଚର୍ଚ୍ଚିତ ଗଳ୍ପ 'ଅକାଳ ଅସ୍ତ'...

# ଅକାଳ ଅସ୍ତ

ଥାପି ଅନ୍ଧାର ଥାଏ ବାଡ଼ିପଟ ପୋଖରୀ ହୁଡ଼ାରେ। ହୁଡ଼ାକୁ ଲାଗି କିଆ ଗୋହିରିରେ। ଗୋହିରି ସେପଟ ଗାଆଁ ମଶାଣିରେ।

ପକ୍ଷୀର ପ୍ରଥମ କାକଳି ଶୁଭେ। ନିଦ ଭାଙ୍ଗିଯାଏ ବୁଢ଼ାର। ଖୋଲିଯାଏ ନୁଆଁଣିଆ ଖଞ୍ଜା ଘରଟିର ପଛପଟ ଶାଳୁଆ କବାଟ। ତା' ବାଆଁ ହାତର ଥର୍‌ଥର୍ ଆଶାବାଡ଼ି ଠିକ୍ ଠଉରେଇ ନିଏ ଦୁଆରବନ୍ଧଠୁ ତଳକୁ ଲମ୍ବିଯାଇଥିବା ଗୋଟିଗୋଟି ପଥର ପାହାଚ। ଶେଷ ପାହାଚ ଉପରେ ଅଟକି ଯାଏ ଦୁଇଟି ଟଳମଳ କମ୍ପିତ ହାଡୁଆ ପାଦ।

'ମଣ୍ଟି...ମଣ୍ଟି...ଏ ମଣ୍ଟି!' ଏଇ କୋମଳ ମଧୁର ସ୍ନେହାର୍ଦ୍ର ଡାକ ତୀର ପରି ଛୁଟିଯାଏ ପୋଖରୀହୁଡ଼ା, କିଆଗୋହିରି, ସାରା ମଶାଣି...।

ତେବେ ଯାଇ ସମଗ୍ର ପରିବେଶଟି ମୁହଁଧୁଏ ନିଦରୁ। ଅଥଚ ନିଦ ଭାଙ୍ଗେ ନାହିଁ ବୁଢ଼ୀର। ଯେହେତୁ ସକାଳର ଆଲୁଅ ଫିଟିବାକୁ ଆଉ କିଛି ସମୟ ବାକି ଥାଏ। ମଣ୍ଟି କିନ୍ତୁ ଦି' କ୍ଷେପାକେ ହାଜର ହେଇଯାଏ। ସେଇ ଟଳମଳ କମ୍ପିତ ହାଡୁଆ ପାଦ ପାଖରେ ବସିରହେ ଚୁପ୍‌ଚାପ୍। ତା' ଅପଲକ ଆଖି ଦୁଇଟି ବୁଢ଼ାର କୋଟରଗତ ଆଖିରେ ଲାଖିଯାଏ। ଯଦିଓ ପାତଳ ଅନ୍ଧାର ଭିତରେ ବୁଢ଼ା ମଣ୍ଟିକୁ ଦେଖିପାରେନି ଭଲକରି, ତଥାପି ଠିକ୍ ଜାଣିପାରେ ମଣ୍ଟିର ଉପସ୍ଥିତି। ଶୁଣିପାରେ ମଣ୍ଟିର ଧୀର ଶ୍ୱାସ ପ୍ରଶ୍ୱାସ ସଠିକ୍। ଧୀରେ, ଖୁବ୍ ଧୀରେ ତା' ଲୋଳିତ ଚର୍ମଢଙ୍କା ମୁହଁରେ ଉଇଁଉଇଁ ଆସେ ଧାରେ ହସ।

ଆଶାବାଡ଼ିରେ ଆଶ୍ରା ନେଇ ନଇଁପଡ଼େ ବୁଢ଼ା। ଆସ୍ତେ ପଥର ପାହାଚ ଧାରରେ ଥୋଇଦିଏ କଂସା ଥାଳିଆଟି। କହେ: 'ପି'...ପି' ଦେ।'

ତେବେ ଯାଇ ମଣ୍ଟି ମୁହଁଦିଏ କ୍ଷୀରରେ। ଓ 'ଚାକ୍...ଚାକ୍' ପିଇବା ଆରମ୍ଭ କରେ।

ବୁଢ଼ା ଚାହିଁ ରହିଥାଏ ମଣ୍ଟିକୁ ପଲକହୀନ ଦୃଷ୍ଟିରେ। ପରିତୃପ୍ତିର ଯେତେ ଯେତେ ସଙ୍କେତ ଆଙ୍କି ହୋଇଯାଏ ତା' ଛାତି ପିଞ୍ଜରା ତଳେ, ମୁହଁରେ। ସର୍ବାଙ୍ଗ ପୁଲକି ଉଠେ।

ଓ ଫିଟି ଫିଟି ଆସେ ସକାଳ।

ସବୁତକ କ୍ଷୀର ଚାଟିଚୁଟି ସଫା କରିଦେଲା ପରେ ମଣ୍ଟି ବସିପଡ଼େ ଓ ଚାହିଁଥାଏ ତ ଚାହିଁଥାଏ ବୁଢ଼ାକୁ। ପୁଣି ଟିକେ ଘୁଞ୍ଚିଘୁଞ୍ଚି ଆସେ ପାଖକୁ ତ ପୁଣି ଟିକେ ଘୁଞ୍ଚିଘୁଞ୍ଚିଯାଏ ଦୂରକୁ।

ବୁଢ଼ା କହେ: 'ଯାଃ..., ଖେଳିବୁ...କୁଦିବୁ...ନାଚିବୁ...! ଆଉ ଡାକିଲେ ଜମା ଅଝଟ ହବୁନି! କଥା ମାନିବୁ! ଆଏଁ ?'

ତେବେ ଯାଇ ପଛକୁ ଚାହିଁ ଚାହିଁ ମଣ୍ଟି ଧୀରେ ଉଭାନ୍ ହୋଇଯାଏ ସେଠାରୁ।

ତେବେ ଯାଇ ବୁଢ଼ା ମୁହଁ ଧୁଏ ଓ ପାଣି ଢାଳ ହାତରେ ପାଇଖାନା ଆଡ଼େ ପାଦ ବଢ଼ାଏ।

ତେବେ ବି ସେ ଯାଏ ବୁଢ଼ୀର ନିଦ ଭାଙ୍ଗି ନ ଥାଏ। ତା' ଅଗୋଚରରେ ଏତେ ଏତେ ଘଟଣା ନିତି ଘଟି ଚାଲିଥାଏ।

ବେଳେବେଳେ ନୁହେଁ, ଥରେ ଅଧେ ନୁହେଁ, ନିତି କେଜାଣି କେତେ କେତେ ଥର ବୁଢ଼ା କୂଅ ଚାନ୍ଦିନୀରୁ, ବାଡ଼ିପଟ ପିଣ୍ଡାରୁ– ଗଡ଼ିଆବନ୍ଧ ଆଉ କିଆ ଗୋହିରି ଆରପଟ ମଶାଣି ଆଡ଼େ ଚାହିଁଥାଏ ତ ଚାହିଁଥାଏ।

ବୁଢ଼ୀ କିନ୍ତୁ ମୋଟେ ଜାଣିପାରେନି ଏପରି ଚାହିଁ ରହିବାର ରହସ୍ୟ।

ସେ ଖାଲି କେତେବେଳେ କେମିତି ପଚାରିଦିଏ: 'ୟେ...ସିଆଡ଼େ କ'ଣ ଏମିତି ହାଁ ମାରି ଚାଇଁଚ ମ ?'

ବୁଢ଼ା ପ୍ରକୃତିସ୍ଥ ହୁଏ। ଟିକେ ହସିଦେଇ କହେ, 'ଦେଖୁଚି ଏ ଗଛବୃଚ୍ଛ ବି ତୁ ମତେ ଟିକେ ଦେଖେଇ ଦବୁନି।' କହୁ କହୁ ଉଠିପଡ଼େ।

ଅନେକ ଅନେକ ଥର ସକାଳେ, ଖରାବେଳେ, ସନ୍ଧ୍ୟାରେ ବା ଏଇମିତି ବେଳା ଅବେଳାରେ ମଣ୍ଟି ବୁଦା ଉହାଡ଼ରୁ ଆପଣାଛାଏଁ ପଦାକୁ ବାହାରେ। ଦାଣ୍ଡରୁ ବାଡ଼ି, ବାଡ଼ିରୁ ଦାଣ୍ଡ ଘୂରିବୁଲେ। ଛଟ୍‌ପଟ୍ ହୁଏ ବୁଢ଼ା। ତା' ମନ କହେ: କ୍ଷୀର ଥାଳିଆଟି ହାତରେ ସେ ମଣ୍ଟି ପାଖକୁ ଧାଇଁ ଯାଆନ୍ତା କି! ମାତ୍ର ଯାଇ ପାରେନି।

ନିଜ ଭିତରେ ଗୋଟେ ଅହେତୁକ ଭୟ ପରଳ ପରି ଚରିଯାଏ: ବୁଢ଼ୀ ଜାଣିବ ତ ତା' ପାଟିରେ ବାଡ଼ବତା ରହିବନି! ପାଟିକରି ଗାଆଁ କମ୍ପେଇ ଦବ।

ଏକଥା କିନ୍ତୁ ଅଛପା ରହିଲାନି ବେଶୀ ଦିନ।

ଦିନେ ଖରା ନୁଆଁଣି ଉପରଓଳି ବୁଢ଼ୀ କାହା ସହ ଗପ ଯୋଡ଼ି ଦେଇଥାଏ ଦାଣ୍ଡ ପିଣ୍ଡାରେ। ଏଣେ ମଣ୍ଟି ଅପେକ୍ଷା କରିଥାଏ ବୁଢ଼ାକୁ ବାଡ଼ିପଟ କୂଅ ଚାନ୍ଦିନୀ ପାଖରେ। ବୁଢ଼ା ହାଣ୍ଡିଶାଳେ କ୍ଷୀର ଠେକି ଓହ୍ଲଉଥାଏ ଶିକାରୁ। ଠିକ୍ ଏତିକିବେଳେ ପାଣିକାଚର 'ଝମ୍' ଶବ୍ଦ ଶୁଣାଗଲା ଅତି ପାଖରୁ। ମଝି ଖଞ୍ଜାରୁ ବୁଢ଼ୀ ଆସିଗଲା କି ଆଉ! ବୁଢ଼ା ହାତର କ୍ଷୀର ଠେକି କମ୍ପି ଉଠିଲା ଓ କିଛି କ୍ଷୀର ତଳେ ଇଡ଼ି ହେଇଗଲା। ତରବରରେ ଅଧା କ୍ଷୀର ଥାଳିଆଟି ନେଇ ବୁଢ଼ା ଥୋଇଦେଲା କୂଅ ଚାନ୍ଦିନୀ ଉପରେ। ଚାନ୍ଦିନୀ ଉପରକୁ ମଣ୍ଟି ଉଠି ଆସୁଥିଲା ଅତି ସନ୍ତର୍ପଣରେ।

ମାତ୍ର ବୁଢ଼ା ଫେରିପଡ଼ି ଧଡାସ୍ କରି ହାଣ୍ଡିଶାଳକୁ ଫେରିଗଲା। ତଳେ ଢାଳି ହେଇଥିବା କ୍ଷୀରତକ ଲିପି ପକଉଥିଲା ମାଟିରେ। ଠିକ୍ ଏତିକିବେଳେ ବୁଢ଼ୀ ଆସି ହାଜର ହେଇଗଲା ପାଖରେ।

ଟିକେ ହସିଦେଇ, ଆଡ଼ ବାଆଁରା ଦେଇ ବୁଢ଼ା ଚାଲି ଯାଉଥିଲା ବାରିଆଡ଼େ। ନଛୋଡ଼ବନ୍ଦା ବୁଢ଼ୀ ପଚାରିଲା, 'କ୍ଷୀର କେମିତି ଢାଳିହେଲା ?' ଓ ବୁଢ଼ା ପଛେପଛେ ଛୁଟିଗଲା।

ହଠାତ୍ ସେ ଯାହା ଦେଖିଲା, ସେଥିରେ ତା' ଛାତି ଫାଟିଗଲା। ସେ ଗର୍ଜି ଉଠିଲା: 'ଏଠି ଗୋଟା ତାମ୍‌ସା ନାଗିଚି! ବାଡ଼ିପଶାର ଠେକୁଆ ପ୍ରେମ ବାହାରିଚି! ଗୋଟା ଓଳିକର କ୍ଷୀର ଏପଟେ ସାରୁଚି! ଆରେ ଡାଙ୍କୁଣୀଖିଆ, ଭଗବାନ ତ ଆମ ପେଇଁ ନିଷ୍ଠୁର! ବାର ଓଷା ତେର ପର୍ବ ତୁଲିକି ଗଲା! ଏ ବୁଢ଼ା କାଳେ ପୁଣି ଛୁଆ ସଅକ! ଛି...ଛି...ଛି...! କାଇଁ କୋଉଦିନ ଗାଇଟାକୁ ଗୁହାଳୁ କାଢ଼ିଚୁ ? ବିଲବାଡ଼ିରୁ ଘାସ କେରାଏ ଆଣିଚୁ ? ତା' ତୁଣ୍ଡରେ ପେଯ ତୋରାଣି ମୁନ୍ଦେ କି ଡିରଣ କେରାଏ ଦେଇଚୁ ? ହାଡ଼ଭାଙ୍ଗି ଖଟିଲେ ସିନା ଜାଣନ୍ତୁ କେତେ କଷ୍ଟ!

ବୁଢ଼ା ଆଡ଼ପାରି ନୀରବରେ ଛିଡ଼ା ହେଇଥିଲା ପଥର ପାହାଚ ଉପରେ! ବୁଢ଼ୀର କର୍କଶ ଶୋଧାରେ ମଣ୍ଟି କେତେବେଳୁ ଛପି ଯାଇଥିଲା କିଆଗୋହିରିରେ।

ପ୍ରାୟ ସେବେଠୁ ବୁଢ଼ୀ ସାରାଦିନ ନଜର ରଖିଥାଏ ତା' କ୍ଷୀର ଠେକିରେ। ଗାରୁଗାରୁ ହୁଏ ବାଡ଼ି ପିଣ୍ଡାରେ ବୁଢ଼ାକୁ ଦେଖିଲେ।

କାଇଁକି ନା ଏପରି ହେବାର ଅନ୍ୟ କାରଣ ସବୁ ମିଳିଯାଇଥାଏ ବୁଢ଼ୀକୁ। ବେଳେବେଳେ ସେସବୁ କୋରି ବିଦାରି ପକାନ୍ତି ତା' ଛାତିକୁ।

ତେବେ ବି ବୁଢ଼ା ବୁଢ଼ୀର କଥାକୁ କାନ ଦିଏନି। ନା ଘରର ଭଲମନ୍ଦରେ ମୁଣ୍ଡ ପୂରାଏନି। ଏପରିକି ସାଇପଡ଼ିଶାଙ୍କ ଘର କେବେଠୁ ଛପର ସରିଥିଲେ ବି ସେ ନିଜ ଘର ଛାଉଣି କଥା ଥରୁଟେ ବି ଚିନ୍ତା କରେନି! ଆଉ ଏକଥା ବୁଢ଼ୀ ଯେତେ ଚେତେଇ ଦେଲେ ବି ବୁଢ଼ାର କାନରେ ମୋଟେ ପଶେନି। ନା ତାକୁ ବି ଦେଖା ଯାଏନି ଛପର ଫୁଟି କେମିତି ଘରସାରା ପାଣି ଗଳୁଚି! କେମିତି ଦାଣ୍ଡଘର କଣ କାନ୍ଥରୁ ପୁଳେପୁଳେ ମାଟି ଖସି ପଡୁଚି!

ଦିନେ ଦି'ପହରୁ ବୁଢ଼ା ବୁଢ଼ୀକୁ କିଛି ନ କହି କେଉଁଆଡ଼େ ଚାଲିଗଲା। ମୁଣ୍ଡ ଉପରୁ ଖରା ନଇଁଲା। ବୁଢ଼ାକୁ ଚାହିଁଚାହିଁ ହାଣ୍ଡିରୁ ଭାତ ଶୁଖିଲା। ସକାଳୁ ବୁଢ଼ୀ ଯାହା ପଖାଳ ମୁଠେ ତୁଣ୍ଡକୁ ନେଇଥିଲା ସେତିକି! ତେବେ ବି ବୁଢ଼ା ପାଇଁ ତା' ମନ ମୋଟେ ଘର ଧରୁ ନ ଥିଲା।

ଚଉଁରାମୂଳେ ସଞ୍ଜବତୀ ଜଳି ନ ଥିଲା। ଦୁଆର ଚୁଲିରେ ଗବ୍‌ଗବ୍ ହେଇ ଭାତ ଫୁଟୁଥିଲା ଓ ପିଣ୍ଡାରେ ସଞ୍ଜ ବଳୁଥିଲା ବୁଢ଼ୀ। ଠିକ୍ ଏତିକିବେଳେ ବୁଢ଼ା ଘରକୁ ଫେରିବାର ବାଡ଼ି ଠକ୍‌ଠକ୍ ଶୁଣାଗଲା। ସେ ତା' କାନ୍ଧରେ ଗୋଟେ ଛୋଟ ଢାବଲ ଭିଡ଼ି ଧରିଥିଲା, ବାଆଁ ହାତରେ। ସେଇଟିକୁ ବାଡ଼ିପଟ ଭିତର ନଂଘାରେ ଥୋଇଦେଇ ଆଗ ଢକଢକ ପାଣି ଗିଲାସେ ପିଇଗଲା ଓ ଦଣ୍ଡେ ଥକା ନେଇ ପାଣି ଢାଳ ଧରି ପାଇଖାନା ଆଡ଼େ ପାଦ ବଢ଼େଇଲା।

ବୁଢ଼ୀ ଦେଖିଲା, ବେଶ୍ ପାଲିସ୍‌କରା କୁରୁମ କାଠର ଖୁବ୍ ଛୋଟ ଢାବଲଟେ। ଢାବଲର ଦୁଇପଟେ ପବନ ଯାଆ ଆସ ପାଇଁ ଦୁଇଟି ଛୋଟଛୋଟ ଝର୍କା! ସାମ୍ନାରେ ମଜ୍‌ବୁତ୍ କାଚର ଡାଙ୍କୁଣୀ! ଆଉ ପୁଣି ଡାଙ୍କୁଣୀ ଫାଙ୍କ ଦେଇ ବାହାରକୁ ଲମ୍ବି ଆସିଚି ଲୁହାର ସରୁ ଜଞ୍ଜିରଟେ!

ସେ ମନେମନେ କହିଲା: ରହ...ରହରେ ବାଡ଼ିପଶା! ...ତତେ ଆଉ ତୋ' ଢାବଲକୁ ଯଦି ଏକାଠି ନ କରିଚି..., ଚୁଲିରେ ନ ମୁହିଁଚି..., ତେବେ ମୁଁ ମଦନ ପଇଡ଼ା ଝୁଅ ନୁହଁ! ପଇତରପଡ଼ା ହାଡ଼ିର ଝୁଅ। ଆରେ...! ଅଳପେଇଶା, ଟଙ୍କା କ'ଣ ମୋଫତ୍ ପଡ଼ିଚି କି ?

ଅଥଚ ତା' ପାଟି ଖୋଲିଲାନି। ଖାଲି ତା' ହାଡୁଆ ମୁହଁଟି ଚୁଲିର ଦିକିଦିକି ନିଆଁରେ ଲାଲ୍‌ରୁ ଆହୁରି ଲାଲ୍ ଦିଶୁଥିଲା।



ହଠାତ୍ ହାଉଳି ଖାଇଗଲା ବୁଢ଼ା: ଏ ଶୁଭୁଚିଟି ? ଟିକେ ଲଣ୍ଠନଟା ଆଣିଲୁ। ଗୋଡ଼କୁ କ'ଣଟାଏ କାମୁଡ଼ିଦେଲା ନା କ'ଣ ?

ଭାତଗଲା ଛାଡ଼ି ଅଧାରୁ ହୁଦସ୍ ଲଣ୍ଠନ ଧରି ବୁଢ଼ା ପାଖକୁ ଦଉଡ଼ିଗଲା ବୁଢ଼ୀ।

'ମଲ। ମୋର, ଏଇ ଯୋଗନୀଖାଇ ଠେକୁଆ! ଭାରି ତ ଆଦର କରୁଥେଲୁ। ନ ଦେଖିଲେ ତଣ୍ଟିରେ ପାଣି ଗଳୁ ନଥେଲା। ଏଇନା ରଡ଼ି ଛାଡ଼ିଚୁ କିଆଁ ?' ବୁଢ଼ୀ ଖିଙ୍କାରି ଉଠିଲା।

'ମଣ୍ଟି ତୁ ?' ମଣ୍ଟି ଆଡ଼େ ସରାଗରେ ପାଖେଇ ଗଲା ବୁଢ଼ା। ବୁଢ଼ୀ କିନ୍ତୁ ମୁହଁ ଫଣଫଣ କରି ପାଦ ବଢ଼ଉଥିଲା ପଛକୁ। ମଣ୍ଟି ଦୌଡ଼ିଗଲା ବୁଢ଼ୀ ପାଖକୁ। ବୁଢ଼ୀର ଗୋଡ଼ ଚାରିପଟେ ଦି' ଘେରା ଘୂରିଗଲା। ନେସିହେଲା ତା' ପାଦରେ।

'ଉଠ୍ ସ୍ୟାଡୁକୁ।' ସେ ଗୋଡ଼ରେ ଛାଟିଦେଲା ମଣ୍ଟିକୁ। ମଣ୍ଟି କିନ୍ତୁ ପୁଣି ଥରେ ଦୌଡ଼ି ଆସିଲା ବୁଢ଼ୀ ପାଖକୁ। ଠିକ୍ ଏତିକିବେଳେ ବୁଢ଼ା ଖପ୍‌କରି ଧରିନେଲା ମଣ୍ଟିକୁ। ମଣ୍ଟିର ମୁଣ୍ଡକୁ ଗୋଟେ ହାତରେ ଆଉଁସୁ ଆଉଁସୁ ମୁହଁରେ ମୁହଁ ଲଗେଇ ଗେଲକଲା ଓ କହିଲା: 'ଚାଲ୍..., ଢାବଲରେ ରହିବୁ। ସେଠି ରହିଲେ ନା ସବୁ ଠିକ୍ ହେଇଯିବ! ଆଉ କେବେ ଚଗଲ ହେବୁନି।'

ଢାବଲର ଜଞ୍ଜିରରେ ମଣ୍ଟିକୁ ବାନ୍ଧିଦେଲା ବୁଢ଼ା। ଢାବଲର ଗୋଟେ କଣକୁ ଜାକିଜୁକି ହେଇ ମଣ୍ଟି ବସି ରହିଲା ଚୁପ୍‌ଚାପ୍। ତା' ମୁହଁରେ ଆଗ ପରି ଆଉ ସରାଗ ନ ଥିଲା। ସବୁ ହସ କ୍ଷଣକେ କେଉଁଆଡ଼େ ଲିଭିଗଲା ଓ ମୁହଁରେ ଢାଙ୍କି ହୋଇଗଲା ମେଘ ଖଣ୍ଡ ପରି କିଛି ଦୁଃଖ।

ବୁଢ଼ା ଆଖିରେ ମଣ୍ଟିର ନିରୀହ ଚାହାଣି ଲାଖି ରହିଥିଲା। ଥିଲାଥିଲା ହଠାତ୍ ବୁଢ଼ାର ଛାତିରୁ କୋହଟିଏ ଉଛୁଳି ପଡ଼ିଲା। ସେ ମନେମନେ କହିଲା: ତୁ ତ ଖୋଲା ପୃଥିବୀର ଜନ୍ତୁ। ତୋ' ପାଇଁ ଖୋଲା ପଡ଼ିଆ, ପୋଖରୀ ହୁଡ଼ା, କିଆ ଗୋହିରି ନିହାତି ଦର୍କାର। ତୁ ସେଇଠି ବୁଲିବୁ। ନାଚିବୁ। କୁଦିବୁ। ଆଉ ମଣ୍ଟି ବୋଲି ଡାକିଦେଲେ ପାଖରେ ଆସି ହାଜର ହେଇଯିବୁ। ଭାବିଥିଲି ତୁ ଏଇଠି ରହିବୁ, ଏଇ ଢାବଲରେ ରହିବୁ। ଯେତେବେଳେ ଇଚ୍ଛା ହବ ମନ ଭରି ତତେ ଦେଖିବି। ତୋ' ସହ ଗପିବି। ଶୋଇବା ବିଛଣାରେ ତତେ କୋଳରେ ଯାକିକି ଶୋଇବି! ହଉ ତୋ' ଇଚ୍ଛା!

ମଣ୍ଟିକୁ ଜଞ୍ଜିରରୁ ଫିଟେଇ ଦେଲା ବୁଢ଼ା। ଦୁଇ ହାତରେ ତୋଳି ନେଇ କେଇଥର ଗେଲକଲା। ମୁଣ୍ଡ ଆଉଁସି ଦେଲା ଓ ତା' କାନ ପାଖରେ କହିଲା, 'ତୋର ତ ଏଠି ରହିବାକୁ ଇଚ୍ଛା ନାଇଁ। ଏଇଟା ତ ତୋ' ପାଇଁ ଜେଲ୍‌ଖାନା। ତତେ ବଳେଇବି କିଆଁ ? ଯାଃ...!' ଓ ଆସ୍ତେ ସେ ମଣ୍ଟିକୁ ଛାଡ଼ିଦେଲା ପିଣ୍ଡାରେ। ହେଲେ ମଣ୍ଟି କୁଆଡ଼କୁ ନ ଯାଇ ଦୁଆରବନ୍ଧ ଏପଟେ ବସି ରହିଲା ସେମିତି। ବୁଢ଼ାର ମୁହଁ ଉପରେ ଯାହା ଖାଲି ଲାଖି ରହିଥିଲା ତା' ନିରୀହ କରୁଣ ଆଖି ଦୁଇଟି।

ଏଥର ପାଇଖାନା ଆଡ଼େ ପୁଣି ପାଦ ବଢ଼େଇଲା ବୁଢ଼ା।

ଡାଲି ବସଉ ବସଉ କ୍ଷେପି ଆସି ବୁଢ଼ୀ ମଣ୍ଟିକୁ ଗୋଇଠାଏ ଦେଲା ପିଣ୍ଡା ତଳକୁ ଓ ଧଡ଼୍‌କରି ଆଉଜେଇ ନେଲା କବାଟ।

ଏଇ ନିଷ୍ଠୁର ଶବ୍ଦରେ ଛୁରି ଚାଲିଗଲା ବୁଢ଼ାଠି। ତଥାପି ବୁଢ଼ା ଥିଲା ଚୁପ୍।

ସେଇ ରାତିରେ ବୁଢ଼ୀ ବୁଢ଼ା ପାଇଁ ଭାତ ବାଢ଼ିଲା। ତାକୁ ଖାଇବାକୁ ଡାକିଲା। ଅଥଚ ବୁଢ଼ାର ଉଁ କି ଚୁଁ ଉତ୍ତର ନ ଥିଲା।

ଉପାସରେ ବିଛଣା ଧଇଲା ବୁଢ଼ୀ। ଉପାସ ଶୋଇ ପଡ଼ିଲା ବୁଢ଼ା। କିନ୍ତୁ ନିଦ ନ ଥିଲା ତା' ଆଖିକି। ସାରାରାତି ତା' ଆଖିରେ ନାଚୁଥିଲା, କୁଦୁଥିଲା, ଦୌଡୁଥିଲା ମଣ୍ଟି!

ପକ୍ଷୀର ପ୍ରଥମ କାକଳି ଶୁଭିଲା। ମାଛି ଅନ୍ଧାର କେଉଁଆଡ଼େ ଲୁଚିଗଲା। ଧୀରେ ଫିଟି ଫିଟି ଆସିଲା ସକାଳର ଖରା। ଖୁବ୍ ବିଳମ୍ବରେ ନୁଆଁଣିଆ ସେଇ ଖଞ୍ଜା ଘରଟିର ଶାଳୁଆ କବାଟ ଖୋଲିଲା।

'ମଣ୍ଟି...ମଣ୍ଟି...ୟେ ମଣ୍ଟି!' ଏଇ ପରିଚିତ ସ୍ନେହାର୍ଦ୍ର ବ୍ୟାକୁଳ ଡାକ ଖେଦିଗଲା ପୋଖରୀ ହୁଡ଼ା, କିଆ ଗୋହିରି, ସାରା ମଶାଣି। ଫାଟି ପଡ଼ିଲା ସକାଳ। ବୁଢ଼ାର ଆଖି ଆଖପାଖର ଅନ୍ଦିକନ୍ଦି ଘୂରି ଆସୁଥିଲା ସବୁଠି। ତଥାପି ମଣ୍ଟି ଆସିବାର ଟିକିଏ ବି ସୋରଶବ୍ଦ ନଥିଲା କୋଉଠି। ସେ ଭାବିଲା: କାଲି ରାତିର ଘଟଣା ଓ ଆଜି ତା'ର ଉଠିବାର ଡେରି ହୋଇ ଯିବାରୁ ହୁଏତ ମଣ୍ଟି ଅପେକ୍ଷା କରିକରି ଫେରି ଯାଇଚି ଅଭିମାନରେ।

ଏଇ କଥାଟି ଭାବିଦେଲାକ୍ଷଣି ତା' ଛାତି ଫାଟି ପଡ଼ିଲା କୋହରେ। 'ମଣ୍ଟି...ମଣ୍ଟି...ୟେ ମଣ୍ଟି, ତୁ ରାଗିଚୁ ? ମୋ' ସୁନାଟା ପରା, ଆ...ଆ...!' ଏଇ ବ୍ୟାକୁଳ କରୁଣ ଡାକରେ ଆଉଥରେ ଫାଟି ପଡ଼ିଲା ଆକାଶ, ପବନ...!

ତେବେ ବି ଜଣା ପଡ଼ିଲା ନାହିଁ ମଣ୍ଟି ଆସିବାର ସାମାନ୍ୟତମ ସୁରାକ।

ବୁଢ଼ାର ଆଖିରେ ଥଳ ନ ଥିଲା ଲୁହର।

ସେ ନିଜକୁ ବୁଝେଇବାକୁ ଚେଷ୍ଟା କଲା: ଏଇଠି କୋଉଠି ଛପି ଯାଇଥିବ! ଯିବ କୁଆଡ଼େ! ଆସିବନି କି! ନିଶ୍ଚେ ଆସିବ!

ମାତ୍ର କିଆ ଗୋହିରି ଧାରରେ ବୁଢ଼ାର ଆଖି ସ୍ଥିର ରହିଗଲା ହଠାତ୍। କ'ଣ ଗୋଟେ ତା' ଛାତିର ପଞ୍ଜରା ତଳେ ଖସି ପଡ଼ିଲା ଧଡାସ୍। ଖସି ପଡ଼ିଲା ତା' ହାତର କ୍ଷୀର ଥାଳିଆଟି।

ଗୋଟେ ନିଷ୍ଠୁର 'ଠନ୍' ଶବ୍ଦରେ ଚମକି ପଡ଼ିଲା ବୁଢ଼ୀ। ବୁଢ଼ା ପଡ଼ିଗଲା ନା କ'ଣ ? ଦୁଆର ଝାଡୁ ଛାଡ଼ି ଅଧାରୁ ଝାଡୁ ହାତରେ ସେ ଦୌଡ଼ି ଆସିଲା ପଦାକୁ।

ଦେଖିଲା, କାଠ ଗଣ୍ଡିଟାଏ ପରି ଛିଡ଼ା ହେଇଚି ବୁଢ଼ା। ଦୁଧ ଥାଳିଆଟା ଖସି ପଡ଼ିଛି ଖଣ୍ଡେ ଦୂରରେ। କ୍ଷୀରତକ ଇଡ଼ି ହେଇ ଯାଇଚି ତଳେ।

ସେ କିଛି ବୁଝି ପାରିଲାନି।

ବୁଢ଼ାର ବାଆଁ ଖୁଆକୁ ସେ ହଲେଇ ଦେଲା ତା' ବାଆଁ ହାତରେ, ଗୋଟେ ଅଜଣା ଆଶଙ୍କାରେ: 'ୟେ...! କ'ଣ ହେଲା ? ତମର କ'ଣ ହେଲା ବା ? ...କିଛି କଉନ ଯେ ?' ହାଉଳି ଖାଇଗଲା ବୁଢ଼ୀ।

ତଥାପି ବୁଢ଼ା ଥିଲା ନିଶ୍ଚଳ, ନିରୁତ୍ତର।

ସେ ଆଖି ଫେରେଇଲା ସେଇଆଡ଼େ, ଯୋଉଆଡ଼େ ଅଟକି ଯାଇଥିଲା ବୁଢ଼ାର ଆଖି। ଦେଖିଲା, କଳା ମଚ୍‌ମଚ୍ ମର୍ଦ୍ଦଟାଏ! ବାଆଁ ହାତରେ ଧରିଚି ଧନୁଶର। କାନ୍ଧରେ ପକେଇଚି ବାହୁଙ୍ଗିଟେ। ବାହୁଙ୍ଗି ଅଗରେ ଝୁଲୁଚି ମଣ୍ଟି! ତା' ବେକଟା ନଡ଼କି ଯାଇଚି ତଳକୁ! କାନ ମୁଣ୍ଡାରୁ ଝରି ଆସିଚି ପୁଳାଏ ରକ୍ତ!

ବୁଢ଼ୀର ପଥର ଛାତି ଦି'ଫାଳ ହେଇଗଲା: 'ମୋ ମଣ୍ଟି!' ଭୁଶୁଡ଼ି ପଡ଼ିଲା ଶବ୍ଦ ଦୁଇଟି। ଓ ତା' ହାତମୁଠା ଟାଣ ହେଇଗଲା ଛାଞ୍ଚୁଣି ମୁଠାରେ।

'ଡାଙ୍କୁଣୀଖିଆ କେଲା, ତୁ କ'ଣ ନ କଲୁ ? ମୋ' ସଂସାର ଉଜାଡ଼ି ଦେଲୁ ? ରହ ବାଡ଼ିପଶା।' ଭୋ...ଭୋ...ରଡ଼ିକରି ଆଗକୁ ଢପ୍‌ଢପ୍ ଛୁଟି ଯାଉଥିଲା ବୁଢ଼ୀ। ବୁଢ଼ା କିନ୍ତୁ ପୂର୍ବବତ୍ ଛିଡ଼ା ହେଇଥିଲା ନୀରବ, ନିସ୍ପନ୍ଦ, ନିଶ୍ଚଳ। ସତେ ଅବା ସେ କିଛି ଦେଖି ପାରୁ ନ ଥିଲା। ନା, ତାକୁ କିଛି ଦେଖାଯାଉ ନ ଥିଲା।





# ଦେବାଳୟ

**ସ୍ୱାଗତିକା ସେଠୀ**

ଟଂ... ଟଂ... ଟଂ...। ଘଣ୍ଟିର ଗୁରୁଗମ୍ଭୀର ଧ୍ୱନି ଭୋରର ଶାନ୍ତ ବାୟୁମଣ୍ଡଳରେ ତରଙ୍ଗାୟିତ ହୋଇ ନିଦ୍ରିତଙ୍କୁ ଜାଗ୍ରତ କରାଏ। ଭକ୍ତ ଶୁଚିମନ୍ତ ହୋଇ ପୂଜାଥାଳି ଧରି ଦେବାଳୟ ଅଭିମୁଖେ ବାହାରିପଡ଼େ। ତା' ମନରେ ଅସୁମାରି ଆଶା। ନିଜ ମନୋବାଞ୍ଛା ପୂରଣ ପାଇଁ ସେ ଈଶ୍ୱରଙ୍କ ଆଗରେ ଘିଅ ଦୀପଟିଏ ଜାଳି ଦେବ। ଦୀପ ଜାଳି ସ୍ୱଦୁନିଆର ଅନ୍ଧକାରକୁ ଦୂର କରି ଆଲୋକିତ କରିବା ପାଇଁ ଈଶ୍ୱରଙ୍କ ନିକଟରେ ଗୁହାରି କରିବ। ସେ ପହଞ୍ଚିବା ବେଳକୁ ପୂଜକ ଦେବାଳୟର ବନ୍ଦ ଫାଟକ ଖୋଲି ଦେଇଥିବେ। ଭକ୍ତ ଓ ଭଗବାନ୍‌ଙ୍କ ମଧ୍ୟରେ ଭାବର ଡୋରି ବାନ୍ଧିବା ପାଇଁ ଏହି ପୂଜକ ଏକ ମାଧ୍ୟମରେ ପରିଣତ ହେବେ। ଭକ୍ତ ନତଜାନୁ ହୋଇ କରୁଣ ଦୃଷ୍ଟିରେ ନିଜର ପ୍ରିୟ ଈଶ୍ୱରଙ୍କୁ ଚାହିଁ ରହିବ। ଏଠାରେ ଭକ୍ତ ତା' ପୂଜିତ ଈଶ୍ୱରଙ୍କ ମୂର୍ତ୍ତିର କଳାକୃତି ଅନୁଧ୍ୟାନ କରିବ ନାହିଁ। ସେ ନାଲି ସିନ୍ଦୂରବୋଳା ପଥର ଖଣ୍ଡେ ହେଉ ବା ଉଇହୁଙ୍କାଟିଏ ଅବା ଆକୃତିବିହୀନ କିଛି ଅବୁଝା ଆକାର କିମ୍ବା ନିପୁଣ କାରିଗରର ନିହାଣ ମୁନରେ ନିଖୁଣ ଭାବେ ଗଢ଼ା ଯାଇଥିବା ମୁଗୁନି ପଥରର ମନୋରମ ମୂର୍ତ୍ତି, ଭକ୍ତ ଦେବାଳୟରେ କେବଳ ଭକ୍ତିରେ ହିଁ ନତମସ୍ତକ ହେବ। ନିଜକୁ ନିଜ ଈଶ୍ୱରଙ୍କ ପାଖରେ ସମର୍ପି ଦେବ। ସେ ଆସିଥିବା ଦେବାଳୟର ବର୍ଣ୍ଣାଢ଼୍ୟ ପରିବେଶକୁ ବିଚାର କରିବ ନାହିଁ। ତା' ଭକ୍ତି ଓ ସମର୍ପଣ ଉପରେ ଦେବାଳୟର ଉଚ୍ଚତା, କାରିଗରି କିଛି ପ୍ରଭାବ ପକାଇ ପାରିବ ନାହିଁ। ତା' ଈଶ୍ୱର ଗାଁ ବାହାରେ କେଉଁ ବର-ଅଶ୍ୱତ୍ଥ ଗଛ ତଳେ ମେଲାରେ ଥା'ନ୍ତୁ, କେଉଁ ନୁଆଁଣିଆ ଚାଳିଆ/ଆଜ୍‌ବେଷ୍ଟସ୍ ଘରେ ବା ନଭଶ୍ଚୁମ୍ବୀ ସୁଦୃଶ୍ୟ ମନ୍ଦିରରେ, ଭକ୍ତ ପାଇଁ ତା' ଈଶ୍ୱର ରହୁଥିବା ସ୍ଥାନଟି ତା' ଦେବାଳୟ, ପୂର୍ଣ୍ଣକ୍ଷେତ୍ର। ସେଇ ଦେବାଳୟରେ ଦୀପଟିଏ ଜାଳି ସେ ଶାନ୍ତିପାଏ। ତା' ମନୋବାଞ୍ଛା ପୂରଣ ହୁଏ। ଦେବାଳୟରେ ସମର୍ପଣଭାବ ଥାଏ। ଭକ୍ତ ପାଇଁ ଦେବାଳୟ ଗଢ଼ି ଉଠେ ଓ ଦେବାଳୟ ଭକ୍ତକୁ ଗଢ଼ିଥାଏ।

ଟଂ... ଟଂ... ଟଂ...। ଘଣ୍ଟିର ଗୁରୁଗମ୍ଭୀର ଧ୍ୱନି ବିଦ୍ୟାର୍ଥୀ ଭିତରେ ଏକ ଶିହରଣ ଖେଳାଇଦିଏ। ବିଦ୍ୟାର୍ଥୀ ତା' ନିତ୍ୟକର୍ମ ସାରି ହାତରେ ବହିବସ୍ତାନି ଧରି ବିଦ୍ୟାଳୟ ଅଭିମୁଖେ ବାହାରିଯାଏ। ଜ୍ଞାନ ଆହରଣ ପାଇଁ ତା' ମନରେ ଅସୁମାରି ଆଗ୍ରହ ଓ ଉତ୍ସୁକତା। ଏଠାରେ ଶିକ୍ଷକ ଏ ଆଗ୍ରହୀ ଓ ଉତ୍ସୁକ ବିଦ୍ୟାର୍ଥୀକୁ ଦିଗ୍‌ଦର୍ଶନ ଦେବାର ଏକ ମାଧ୍ୟମ ପାଲଟି ଯା'ନ୍ତି। ଶିକ୍ଷକଙ୍କ ସହାୟତାରେ ବିଦ୍ୟାର୍ଥୀ ନିଜ ଭିତରର ଅଜ୍ଞାନ ଅନ୍ଧକାରକୁ ଦୂର କରି ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ କରିଥାଏ। ଶିକ୍ଷକ ପାଠ୍ୟ ପୁସ୍ତକରୁ ଊର୍ଦ୍ଧ୍ୱକୁ ଉଠି ଗୁଣଗ୍ରାହୀ ବିଦ୍ୟାର୍ଥୀକୁ ସୁନାଗରିକ ଓ ମଣିଷ ପରି ମଣିଷଟିଏ କରି ଗଢ଼ି ତୋଳନ୍ତି। ଯାହାକି ଶିକ୍ଷକ, ବିଦ୍ୟାର୍ଥୀ ଓ ସମାଜ- ସମସ୍ତଙ୍କୁ ମିଳିତ ଭାବରେ ପ୍ରଗତି ପଥରେ ଆଗେଇନିଏ। ଶିକ୍ଷକ ଶିକ୍ଷାଦାନ ପାଇଁ ଓ ଗୁଣଗ୍ରାହୀ ବିଦ୍ୟାର୍ଥୀ ତା' ବିଦ୍ୟା ଆହରଣ ପାଇଁ କେଉଁ ସୁଉଚ୍ଚ ଅଟ୍ଟାଳିକା ଖୋଜେ ନାହିଁ। ସେହିପରି ପ୍ରକୃତ ଶିକ୍ଷକ ନିଜ ଅର୍ଜିତ ବିଦ୍ୟାକୁ ଦାନ ଦେବା ପାଇଁ କେବଳ ଏକ ସମର୍ପିତ ବିଦ୍ୟାର୍ଥୀଟିଏ ଖୋଜେ। ପରସ୍ପର ପ୍ରତି ସମର୍ପିତ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ଏପରି ଜ୍ଞାନର ଆଦାନପ୍ରଦାନ ହୋଇ ପାରୁଥିବା ସ୍ୱଚ୍ଛ, ଶାନ୍ତ ସ୍ଥାନଟି ଉଭୟଙ୍କ ପାଇଁ ବିଦ୍ୟାଳୟ ପାଲଟିଯାଏ। ବିଦ୍ୟାଳୟ ବିଦ୍ୟାର ଆଳୟ, ଯେଉଁଠାରେ ବସିଥାଏ ବିଦ୍ୟାର ଆସ୍ଥାନ। ବିଦ୍ୟାର୍ଥୀ ପାଇଁ ବିଦ୍ୟାଳୟ ଗଢ଼ି ଉଠେ ଓ ବିଦ୍ୟାର୍ଥୀ ବିଦ୍ୟାଳୟକୁ ଭବିଷ୍ୟତ ପିଢ଼ି ପାଇଁ ଗଢ଼ିଥାଏ। ଏପରି ପରିସ୍ଥିତିରେ ବିଦ୍ୟାଳୟ ଦେବାଳୟରେ, ଏକ ଉପାସନା ସ୍ଥଳରେ ପରିଣତ ହୁଏ।

– କେଶରୀ ଏନ୍‌କ୍ଲେଭ, ୟୁନିଟ-୮, ନୟାପଲ୍ଲୀ, ଭୁବନେଶ୍ୱର-୧୨

**ଗଳ୍ପ**

# ସହଯାତ୍ରୀ

**ଅନୁବାଦ ଗଳ୍ପ**

**ମୂଳ ରଚନା: ରସ୍କିନ୍ ବଣ୍ଡ୍**

**ଅନୁବାଦ: ଡ. କିଶୋର ମହାନ୍ତି**

ରୋହନା ଷ୍ଟେଶନ୍ ଆସିବାଯାଏ ଟ୍ରେନ୍‌ର ସେଇ ବଗିରେ କେବଳ ଏକୁଟିଆ ବସି ରହିଥିଲି ମୁଁ। ତେବେ ଜଣେ ଯୁବତୀ ମୋର କମ୍ପାର୍ଟମେଣ୍ଟ ଭିତରକୁ ଅଚାନକ ପଶି ଆସିଲେ। ସାଥିରେ ଥିଲେ ଭଦ୍ରବ୍ୟକ୍ତି ଓ ଜଣେ ମହିଳା, ଯିଏକି ତାଙ୍କୁ ଗାଡ଼ି ଚଢ଼ାଇ ଦେବାକୁ ଆସିଥିଲେ। ହୁଏତ ତାଙ୍କର ମା'ବାପା ହୋଇପାରନ୍ତି। ଟ୍ରେନ୍‌ରେ ଯାତ୍ରା ପାଇଁ ସେ ବଡ଼ ଚିନ୍ତିତ ଜଣାପଡୁଥା'ନ୍ତି। ମହିଳା ଜଣକ ଗାଡ଼ିରେ ଯିବାବେଳେ କ'ଣ କରିବାକୁ ହେବ ସେ ସମ୍ପର୍କରେ ସତର୍କ କରାଇ ଦେଉଥା'ନ୍ତି ସେଇ ଯୁବତୀଙ୍କୁ। ନିଜର ଜିନିଷପତ୍ର ସାବଧାନରେ କେଉଁଠି ରଖିବ, ଝରକା ଖୋଲା କରି କେତେବେଳେ ବାହାରକୁ ମୁଣ୍ଡ ଗଳାଇବ ନାହିଁ ଏବଂ ଅପରିଚିତମାନଙ୍କ ସହ ଯେତେଦୂର ସମ୍ଭବ କଥାବାର୍ତ୍ତାରୁ ବିରତ ରହିବ ଇତ୍ୟାଦି ଇତ୍ୟାଦି।

ଗାର୍ଡ ସାହେବ ହ୍ୱିସିଲ୍ ବଜାଇଲେ। ଗାଡ଼ି ସିଟିମାରି ଧୀରେଧୀରେ ଗଡ଼ିବାକୁ ଲାଗିଲା। ସେଇ ପ୍ରୌଢ଼ ଓ ପ୍ରୌଢ଼ା ଦିହେଁ ଟା-ଟା କହି ବିଦାୟ ଦେବା ଭିତରେ ଗାଡ଼ି ପ୍ଲାଟ୍‌ଫର୍ମକୁ ପଛରେ ପକାଇ ଆଗକୁ ମାଡ଼ି ଯାଇଥିଲା। ମୁଁ ସମ୍ପୂର୍ଣ୍ଣ ଅନ୍ଧ ଥିଲି। ମୋତେ ଆଦୌ ଦେଖାଯାଉ ନ ଥିଲା। କେବଳ ଅନ୍ଧକାର ଆଉ



ବାହାରର ସୂର୍ଯ୍ୟକିରଣର ସ୍ପର୍ଶ ମୋ' ଅନ୍ତରରେ ଅନୁଭବ କରୁଥିଲି। ଏଣୁ ମୋ' ପାଇଁ କହିବା କଷ୍ଟସାଧ୍ୟ ଥିଲା ଯେ, ସେ ଯୁବତୀ ଦେଖିବାକୁ କେମିତି।

କିନ୍ତୁ ତାଙ୍କର ପାଦ ଶବ୍ଦରୁ ସ୍ପଷ୍ଟ ଅନୁମେୟ ହେଉଥିଲା ଯେ ତାଙ୍କ ପାଦରେ ସ୍ଲିପର୍ ଅଛି। ଏହି କଥା ଜାଣିବା ପାଇଁ ଯଥା ତାଙ୍କର ଅବୟବ, ସୌନ୍ଦର୍ଯ୍ୟ ସମ୍ପର୍କରେ ଧାରଣା ଆଣିବା ପାଇଁ କିଛିଟା ସମୟ ଦରକାର। ଏଥିପାଇଁ ଭାବିବାକୁ ଓ ଅପେକ୍ଷା କରିବାକୁ ମଧ୍ୟ ହେବ। କିନ୍ତୁ ସେଇ ଯୁବତୀଙ୍କର ପାଦ ସ୍ଲିପର୍‌ର ଶବ୍ଦ ଓ ମଧୁର କଣ୍ଠର ସ୍ୱର ମତେ ପାଗଳ କରି ଦେଉଥିଲା।

– କ'ଣ ଆପଣ ଡେରାଡୁନ୍ ଯିବେ? ମୁଁ ଅତି ସନ୍ତର୍ପଣରେ କହିଲି। ଏମିତି ଜଣାଯାଉଥିଲା ଯେ, ମୁଁ ଚୁପ୍ ହେଇ ଏପରି ବସିଯାଇଥିଲିଯେ, ସେ ମୋ' ପ୍ରଶ୍ନରେ ଏକବାର ବିଚଳିତ ହୋଇପଡ଼ିଲା ପରି ଜଣାପଡୁଥିଲେ। ସେ ସତରେ କେମିତି ଏକ ଆଶ୍ଚର୍ଯ୍ୟମିଶା ଭୟରେ ଅସ୍ଥିର ହୋଇ ମନେମନେ କହି ଉଠିଲେ- ଆରେ, ମୁଁ ଜାଣି ନ ଥିଲି ଏଠାରେ ଅନ୍ୟ କିଏ ଅଛନ୍ତି ବୋଲି!

କେବେକେବେ ଏମିତି ହୁଏ, ଦୃଷ୍ଟି ଶକ୍ତି ଥାଇ ବି ଲୋକେ ସାମ୍ନାରେ ଥିବା ଜିନିଷକୁ ହଠାତ୍ ଦେଖିପାରି ନ ଥା'ନ୍ତି। ସ୍ମରଣରେ ନ ଥାଇ ହେଉ ବା ତରବରରେ ହେଉ ଦେଖାଯାଉଥିବା ଜିନିଷଟି ତାଙ୍କୁ ନ ଦେଖିଲା ପରି ଜଣାଯାଏ। ଅନ୍ୟପକ୍ଷରେ ଯେଉଁ ଲୋକ ଦୃଷ୍ଟିଶକ୍ତି ହୀନ, ଯେମିତି ବେଶି କିଛି ଦେଖିପାରନ୍ତି ନାହିଁ ବା ଅଳ୍ପ ଦେଖିପାରନ୍ତି- ଜାଣିବାକୁ ହେଲେ ସେମାନେ ଅନ୍ୟର ସ୍ୱର ଉପରେ ନିର୍ଭର କରନ୍ତି ଏବଂ ଅନ୍ୟ ଜ୍ଞାନେନ୍ଦ୍ରିୟକୁ ସମ୍ପୂର୍ଣ୍ଣ ଭାବେ ସଜୀବ କରାଇ ଦେଇଥା'ନ୍ତି।

– ମୁଁ ତ ଆପଣଙ୍କୁ ଦେଖିପାରି ନ ଥିଲି, କିନ୍ତୁ ଆପଣଙ୍କର ଆସିବାର ଶବ୍ଦ ବାରି ନେଇଥିଲି। ବର୍ତ୍ତମାନ ମୋତେ ଏମିତି ଏକ ଭୟ କାବୁ କରି ନେଇଥିଲା, ଯାହାକି ମୁଁ ତାଙ୍କ ପାଖରେ ମୋର ଅନ୍ଧତ୍ୱକୁ ଲୁଚାଇବି କି ନାହିଁ ଭାବୁଥିଲି। ମୁଁ ଭାବିଲି ମୁଁ ଯଦି ମୋ' ସିଟ୍ ଉପରେ ନିବିଷ୍ଟ ହୋଇ ବସି ରହେ, ତେବେ ତାଙ୍କ ପାଖରେ ନିଜର ଅବସ୍ଥାକୁ ଲୁଚାଇବା କଷ୍ଟ ହୋଇ ପଡ଼ିବ। ଝିଅଟି ମୋର ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ- "ମୁଁ ସାହାରାନପୁରରେ ଓହ୍ଲାଇଯିବି। ମୋର ଚାଚି ମୋତେ ଗାଡ଼ି ପାଖରୁ ନେବାକୁ ଷ୍ଟେଶନ୍‌କୁ ଆସିଥିବେ।" ତେବେ ମୋର ତ ଏହାଙ୍କ ସଙ୍ଗେ ଚିହ୍ନାଜଣା ହେବା ଆଦୌ ଦରକାର ନାହିଁ। ଏଇ ଚାଚିମାନଙ୍କୁ ମୋର ଭାରି ଭୟ।

କିନ୍ତୁ ଆପଣ କୁଆଡ଼େ ଯାଉଛନ୍ତି? ଝିଅଟି ଧୀର ଗଳାରେ କହିଲା- ଡେରାଡୁନ୍। ସେଇଠୁ ମୋତେ ମସୌରୀ ଯିବାକୁ ହେବ। ଓଃ! ଆପଣ କେତେ ଭାଗ୍ୟବାନ୍! ମୁଁ ବି ମସୌରୀ ଯାଇପାରେ। ମୋତେ ସେଇ ଚିରହରିତ୍ ପାହାଡ଼ମାନ ଭାରି ଭଲ ଲାଗେ, ବିଶେଷକରି ଅକ୍ଟୋବର ମାସରେ...।

– ହଁ, ସେଠାକୁ ଯିବାକୁ ଇଏତ ଭଲ ସମୟ। ପାହାଡ଼ଗୁଡ଼ିକ ରଙ୍ଗ ବେରଙ୍ଗର ଜଙ୍ଗଲୀ ଫୁଲରେ ଶୋଭାପାଏ। ସୂର୍ଯ୍ୟକିରଣ ବେଶ୍ ଆରାମଦାୟକ। ପୁଣି ରାତିରେ ନିଆଁ ଚୁଲି ପାଖରେ ପାପୁଲି ସେକୁସେକୁ ପିଆଲାରୁ ବ୍ରାଣ୍ଡି ଶୋଷି ନେବାର ମଜା...। କିଛି ପର୍ଯ୍ୟଟକ ଚାଲି ଯିବେଣି। ରାସ୍ତାକଡ଼ ଶାନ୍ତ ଉଦାର ହୋଇଯାଇଥିବ। ହଁ, ଆପଣ ଠିକ୍ କହିଛନ୍ତି। ଅକ୍ଟୋବର ମାସ ହିଁ ମସୌରୀ ଯିବାପାଇଁ ସବୁଠାରୁ ଭଲ ଦିନ।

ସେ ମୌନ ଥିଲେ। ମୋତେ ସନ୍ଦେହ ଲାଗୁଥିଲା କି ମୁଁ ଏବେ ଯେଉଁ ଶବ୍ଦ ଉଚ୍ଚାରଣ କଲି, ସେଥିରେ ସେ ମୋ' ଉପରେ ଟିକିଏ ବିରକ୍ତି ଭାବ ପ୍ରକାଶ କରିଥିବେ। ସେ ମୋତେ ପାଗଳା ବୋଲି ଭାବି ନେଇ ନାହାନ୍ତି ତ? ଠିକ୍ ସେଇ ସମୟରେ ମୁଁ ଆଉ ଗୋଟିଏ ଭୁଲ୍ କଲି।

– ବାହାରର ଦୃଶ୍ୟ ଆପଣଙ୍କୁ କେମିତି ଲାଗୁଛି! ମୁଁ ପଚାରି ବସିଲି। ସେ ଭାବିଲେ କି ମୋ' ପ୍ରଶ୍ନରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ସେ ବୋଧେ ଜାଣି ପାରିଲେନିଯେ, ମୋ' ଆଖି ଦେଖିବାର ଶକ୍ତି ହରାଇ ବସିଛି। କିନ୍ତୁ ଏ ପ୍ରଶ୍ନର ଉତ୍ତରରେ ମୋର ସମସ୍ତ ସନ୍ଦେହ ଦୂରେଇଗଲା।

– ଆପଣ ନିଜେ ଝରକା ବାହାରେ ଦେଖିନିଅନ୍ତୁ ନା- ସେ ଉତ୍ତର ଦେଲେ। ଝରକା ଖୋଲାଥିଲା ଏବଂ ମୁଁ ବାହାରର ରମ୍ୟ ଦୃଶ୍ୟରାଜି ଦେଖିବାର ବାହାନା କରିବାର ନାଟକ କଲି। ଇଞ୍ଜିନ୍‌ର ବିକଟାଳ ଶବ୍ଦ ତଥା ଇସ୍ପାତ ପହିଆଧାରର ଘର୍ଘର ନାଦ ମୋତେ ବ୍ୟତିବ୍ୟସ୍ତ କରୁଥିଲା। ମସ୍ତିଷ୍କରେ ମୋର ଟେଲିଫୋନ୍ ଖୁଣ୍ଟଗୁଡ଼ିକର ପଶ୍ଚାତ୍‌ଗମନ ଦୃଶ୍ୟ ଚହଲି ଗଲା।

– ପ୍ରାୟ ସେମିତି ଲାଗୁଛି। ଆଚ୍ଛା, ଆପଣଙ୍କୁ କେଉଁଠି ପଶୁ ଥିବାର ଜଣା ପଡୁନି? ନାହିଁ ତ? ମୁଁ ଟିକିଏ ମୋର ସ୍ୱର ଦୃଢ଼ କରି କହିଲି। ମୁଁ ସମ୍ପୂର୍ଣ୍ଣ ଭାବେ ଜାଣିଥିଲି ଯେ, ଡେରାଡୁନ୍‌ର ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ବର୍ତ୍ତମାନ ପଶୁମାନେ ପ୍ରାୟ ଦେଖା ମିଳୁନାହାନ୍ତି। ମୁଁ ଝରକା ପାଖକୁ ଘୁଞ୍ଚିଯାଇ ସେ ଝିଅଆଡ଼େ ବୁଲି ପଡ଼ିଲି। କିଛି ସମୟ ପାଇଁ ଦୁହେଁ ନୀରବ ରହିଲୁ। ସେଇ ନୀରବତା ଭିତରେ ମୁଁ ଭାବୁଥିଲି ସେ ଯେମିତି ଗାଡ଼ିରୁ ଓହ୍ଲାଇଯିବେ, ଆଉ କ୍ଷଣିକ ସାକ୍ଷାତ୍ ତାଙ୍କ ମସ୍ତିଷ୍କରୁ ଉଭେଇ ଯିବ। କିନ୍ତୁ ମୋ' ମନରେ ତାଙ୍କର ସ୍ମୃତି ଶେଷ ଯାତ୍ରାଯାଏ ଗୁଞ୍ଜରିତ ହେଉଥିବ।

ହଠାତ୍ ଇଞ୍ଜିନ୍ ସିଟି ଦେଲା। କମ୍ପାର୍ଟମେଣ୍ଟର ନିମ୍ନ ପହିଆଧାର ଖଡ଼ଖଡ଼ ଶବ୍ଦରୁ ପ୍ରତୀୟମାନ ହେଉଥିଲା ଯେ, ଚକା ରେଳଧାରଣା ବଦଳାଉଛି। ମୋତେ ଜଣାଗଲା ଯେ, ସେ ଝିଅ ନିଜର ସିଟ୍‌ରୁ ଉଠି ଛିଡ଼ାହେଲେ ଆଉ ନିଜର ଜିନିଷପତ୍ର ଉଠାଇବାକୁ ପ୍ରସ୍ତୁତ ହେଲେ। ଜୁଡ଼ାରେ ବନ୍ଧା ତାଙ୍କ ରେଶମୀ କେଶ କାନ୍ଧ ଉପରକୁ ଖସି ଝୁଲୁଥିଲା। ଏହା ହେଇପାରେ ଯେ, ସେ ପ୍ରଚଳିତ ଫେଶନ ଅନୁସାରେ କେଶ କାଟି ଛୋଟ କରିଦେଇ ପାରିଥା'ନ୍ତି।

ଗାଡ଼ି ଧୀରେଧୀରେ ଷ୍ଟେଶନ୍‌ରେ ପହଞ୍ଚି ରହିଗଲା। ବାହାରେ କୁଲି ଓ ହକରଙ୍କ ଚିତ୍କାର ସତେଯେମିତି ଅଚାନକ ତୋଫାନ ଉଠିଲା ପରି ଜଣାପଡୁଥିଲା। ଏହି ସମୟରେ ଆମ ବଗିର ଦ୍ୱାର ପାଖରେ ଜନୈକା ମହିଳାଙ୍କର ଉଚ୍ଚ କଣ୍ଠସ୍ୱର ଶୁଭିଲା- ନିଶ୍ଚିତ ଭାବରେ ସେ ସ୍ୱର ନାରୀର, ବୋଧହୁଏ ଚାଚିର।

– ଆଚ୍ଛା, ତାହାହେଲେ ମୁଁ ଏବେ ଆସୁଛି- ଝିଅଟି କହିଲା। ସେ ମୋର ଅତି ନିକଟରେ ଛିଡ଼ା ହୋଇଥିଲା। ଏତେ ନିକଟରେ ଯେ ତା' କେଶର ସୁଗନ୍ଧ ମୁଁ ବାରିପାରୁଥିଲି। ମୋର ଖୁବ୍ ଇଚ୍ଛା ହେଉଥିଲା ହାତ ବଢ଼େଇ ଦେଇ ତା' ମୁଲାୟମ୍ ରେଶମୀ କେଶକୁ ସାଉଁଳାଇ ଦେବାକୁ! କିନ୍ତୁ ସେ ଚାଲିଗଲେ। କେବଳ ତାଙ୍କ ଶରୀରର ମହକ ସେଇ ସ୍ଥାନରେ ଛାଡ଼ି ଦେଇଗଲେ, ଯେଉଁଠି ସେ ଛିଡ଼ା ହୋଇଥିଲେ। ଦ୍ୱାର ଦେଇ ନୂଆ ଯାତ୍ରୀ ପଶି ଆସୁଥିଲେ। ଜଣେ ଭଦ୍ରଲୋକ ଯିଏ ବଗି ଭିତରକୁ ଧସ୍ତାଧସ୍ତି ଭିତରେ ପଶି ଆସିଥିଲେ ସେ କ୍ଷମା ମାଗୁଥିଲେ। ତା'ପରେ ବଗିର ଦ୍ୱାର ବନ୍ଦ ହୋଇଗଲା ଓ ବାହାର ଦୁନିଆର ଶୋଭା ଉଭେଇଗଲା। ଗାଡ଼ି ସିଟି ଦେଲା। ଆମ ଗାଡ଼ି ପୁଣି ସେଇ ଗତାନୁଗତିକ ପଥରେ ଗଡ଼ିଚାଲିଲା। ପୁନରାୟ ସେଇ ଖେଳ ଆଉ ଗୋଟିଏ ନୂତନ ସହଯାତ୍ରୀ ସହ ସୃଷ୍ଟି ହୋଇ ଯାଇପାରେ, ଏକଥା ମୁଁ ମନେମନେ ଭାବୁଥିଲି।

ଗାଡ଼ିର ଗତି ବଦଳିବାରେ ଲାଗିଲା। ଖିଡ଼ିକି ବାହାରେ କିଏ ଜାଣେ କ'ଣ ଅଛି! ସମ୍ଭବତଃ କିଏ ଏକ ଚିତ୍ତାକର୍ଷକ ଖେଳ ଖେଳାଉଛି। ବାହାରର ଦୃଶ୍ୟ କେବଳ କଳ୍ପନା କରାଯାଇପାରେ। ସହସା ଏହି ଭାବନାକୁ କୁଠାରାଘାତ କଲା ଜନୈକ ଭଦ୍ରବ୍ୟକ୍ତିଙ୍କର ପ୍ରବେଶ ଓ ତାଙ୍କର ବକ୍ତବ୍ୟ। ଆପଣ ନିଶ୍ଚୟ ମୋତେ ଦେଖି ନିରାଶ ହୋଇପଡ଼ିଥିବେ, କାହିଁକି ନା ମୁଁ ଏବେ ଆପଣଙ୍କର ଆକର୍ଷଣୀୟ ସହଯାତ୍ରୀ ହୋଇପାରିବିନି, ଯେମିତି ସେ ଝିଅଟା ଥିଲା, ଯିଏ ଏଇ ପଛ ଷ୍ଟେଶନ୍‌ରେ ଓହ୍ଲାଇଯାଇଛି। କ'ଣ ସିଏ ଭାରି ସୁନ୍ଦର- ମୁଁ ଭାବବିହ୍ୱଳ ହୋଇ କହିପକାଇଲି- "ଆପଣ କହିପାରିବେ ସେ ଝିଅଟିର କେଶ ଲମ୍ବା ଥିଲା ନା ଛୋଟ ଥିଲା!" "ମୋର ସେ ଦିଗକୁ ଲକ୍ଷ୍ୟ ନ ଥିଲା"- ଭଦ୍ରବ୍ୟକ୍ତି ଜଣକ କହିଲେ। ସେ କେମିତି ଅପ୍ରସ୍ତୁତ ହେଇଉଠୁଥିଲେ। ତାଙ୍କର ଆଖି ଏତେ ସୁନ୍ଦର ଓ ଆକର୍ଷଣୀୟ ଥିଲା ଯେ, ମୋର ଦୃଷ୍ଟି ଆକର୍ଷଣ କରିଥିଲା, କିନ୍ତୁ କେଶ ନୁହେଁ। ଏଡ଼େ ସୁନ୍ଦର ଆଖି ତାଙ୍କର ସତେ! କିନ୍ତୁ ତାଙ୍କ ପାଇଁ ସେଇ ଆଖିଯୋଡ଼ିକ ବେକାର ଥିଲା। ସେଥିରେ ଜ୍ୟୋତି ନ ଥିଲା, ସେ ସମ୍ପୂର୍ଣ୍ଣ ଭାବରେ ଅନ୍ଧ ଥିଲେ। କ'ଣ ଆପଣ ତାଙ୍କୁ ଭଲକରି ଦେଖି ନ ଥିଲେ...?

# କବିତା



## ଜୀବନରେଖା

**ଲିପ୍‌ସା ପଟେଲ**

ସାରା ରାତିର ଗୋଟିଏ ସୁନ୍ଦର, ତୋଫା ଆକାଶ
ଖିନ୍‌ଭିନ୍ ହୋଇଯାଏ ଦିବା ସ୍ୱପ୍ନ ଭଳି
ସୂର୍ଯ୍ୟର ପହିଲି ରଙ୍ଗରେ, ପକ୍ଷୀର କିଚିରିମିଚିରି
ଶବ୍ଦରେ,
ଏବେ ମୁଁ ବେଶୀବେଶୀ ଖୋଜୁଛି ନୀରବତା
ଶବ୍ଦ ସବୁର ଉଚ୍ଚାରଣ ମନେହୁଏ
ଏକ ମରଣାନ୍ତକ ଆକ୍ରମଣ ।

ମୋ' ଅଲକ୍ଷ୍ୟରେ ମଧ
ମୁଁ ଆଲିଙ୍ଗି ବସୁଛି ନିର୍ଜନତା
ଯିଏ ଯାହାର ବ୍ୟସ୍ତ ବଞ୍ଚିବା-ମରିବା ଖେଳରେ
ମୁଁ ଚାହେଁନା ପ୍ରତିଶ୍ରୁତି-
ବାକିଅଛି ମୋର ଆଉ କେତେ ଯେ ଅଭିନୟ !

ଏବେ ତ ମୁଁ ମୁର୍ଦାର ପାଲଟିବାରେ ବ୍ୟସ୍ତ
ବ୍ୟସ୍ତ... ମୁଁ କ୍ଷୀଣ ମୃତ୍ୟୁର ଅବବାହିକାରେ
ଆଉ ଉଚ୍ଚାରିତ କରନା ଶବ୍ଦର କମ୍ପନ
ଆପାତତଃ ନିରର୍ଥକ ଏସବୁ ଅଭିନୟ,
ବ୍ୟାପ୍ତିହୀନ ରୋଗ-ବୈରାଗ, ସୁଖ-ବୈଭବ,
କ୍ଲାନ୍ତ ଦୀର୍ଘଶ୍ୱାସରେ
ପାଲଟିଯିବି ମୁଁ ଶୂନ୍ୟ ବିନ୍ଦୁଟିଏ ।

– ଭବାନୀପାଟଣା, ଓଡ଼ିଶା

## ଅନ୍ଧାରି ମଣିଷ

**ପ୍ରଶାନ୍ତ କୁମାର ଦାଶ**

ଆଲୁଅ ଖାଉଥିବା
ଆଲୁଅ ଖେଳୁଥିବା
ପିନ୍ଧୁଥିବା-ମାଖୁଥିବା ମଣିଷମାନେ
କେବେ ଦେଖିଛ !
ଲଣ୍ଠନ ତଳର ଅନ୍ଧାରରେ
ଜୀବନର ଭାର ବୋହି ଚାଲିଥିବା
ସେଇ ଅନ୍ଧାରି ମଣିଷଟିକୁ
ଯିଏ ଜିଉଥିବା ଜୀବନକୁ
ପାଖରୁ ଆଖି ପାରି ଦେଖିଛି ।

ଖରାକୁ ଖାତିର୍ ନ କରି
ବର୍ଷାକୁ ପିଠିରେ ବସ୍ତା କରି
ଜାଡ଼କୁ ଛାତିରେ ଜଡ଼େଇ ଧରି
ନିତିନିତି ସୂର୍ଯ୍ୟଙ୍କୁ ଉଣ୍ଡି ବୁଲୁଥିଲା
କାନ୍ଥରେ ଲଟକିଥିବା
ଅଧାଚିରା ଈଶ୍ୱରଙ୍କ ଫଟୋରେ,
ଦୂର ପାହାଡ଼ ପଛରେ
ଚଢ଼େଇଙ୍କ ଚିଁ ଚିଁ ସ୍ୱରରେ ।।

କିଏ ଜାଣେ କେବେଠୁଁ
ସୂର୍ଯ୍ୟ ତ ଛୁ' ହେଇ ସାରିଥିଲେ
ଈଶ୍ୱରଙ୍କ ଫଟୋରୁ
ପାହାଡ଼ ପଛର
ଚଢ଼େଇଙ୍କ ସ୍ୱରରୁ ।
ଜୁଳୁଜୁଳିଆ ପୋକ ବି ତ
ଏକ୍‌ଦମ୍ ନିଖୋଜ
ତା'ର ସ୍ୱପ୍ନିଳ ଇଲାକାରୁ ।।

ଶୁଣିପାରୁଛ !
ଗୋଟେ ଚିହ୍ନା ସ୍ୱର ଶୁଭୁଛି
ଅବିକା ଅନ୍ଧାରି ମଣିଷ
କହିକହି ବୁଲୁଛି
ମୋର ଭାଗ୍ୟ ଓ ଭାଗରେ
ଅନ୍ଧାର ଖାଲି ଅନ୍ଧାର
ଘନଘୋର ଅନ୍ଧାର ।।

– ରେଗଡ଼ା, ଏମ୍. ରାମପୁର, କଳାହାଣ୍ଡି

## ସାରା ସାଗୁଫ୍‌ତାଙ୍କ କବିତା


ତୁମେ କବି ଥିଲ
ମୁଁ ଜଣେ ବେଶ୍ୟା
ଯିଏ ଗୋଟେ ଅନ୍ଧାରୁଆ କୋଠରିରେ
ବିବାହ କରିଥିଲା ଏବଂ
ଯାହାର ପୁଅ ଘୋଡ଼େଇ ହେବାକୁ
ଚଦରଟେ ନ ପାଇ
ଅକାଳରେ ମରିଯାଇଥିଲା ।

ଗୋଟେ ବେଶ୍ୟା ବୋଲି
ମୁଁ କମେଇକରି ତୁମକୁ ଦେଇପାରିନି
କାରଣ ତୁମେ ଗୋଟେ ଏମିତି ମୁଦ୍ରା
ଯାହା ମୋ' ହାତରୁ ଖସିଯାଇଛି
ଏବଂ ବିବାହ ଶୋଭାଯାତ୍ରାର
କୋଳାହଳ ହଜିଯାଇଛି
ଚାରିବର୍ଷ ଧରି ମୁଁ ଗୋଟେ ଖଟକୁ
ଅଧା ବୁଣି ଚାଲିଥିଲି
ଆଉ ତୁମେ ମୋ' ଲାଜର କୁଡ଼ିଆରେ
ଶୋଇ ରହୁଥିଲ ।
ଓଃ ତୁମେ କେମିତି ମୁଦ୍ରାଟେ ଯିଏ
ମୋ' କୁଡ଼ିଆ ଚାରିପାଖେ ବୁଲୁଛି ?
ଅଥଚ ମୁଁ ଯେଉଁଠୁ ହେଲେ ବି
କିଛି ଆଣି ପାରିଥାନ୍ତି

ତୁମେ ଗୋଟେ ଚଦର ସହ ସଙ୍ଗମ କରିପାରିଲ
ଆଉ ମୁଁ ଗୋଟେ ପତିତା ଯିଏ କି
ଗୋଟେ ନାରୀଠୁ ଜନ୍ମ ନେଇଥିଲା
ନାଚୁଥିଲାବେଳେ ମୋ' ପାଦରୁ
ଘୁଙ୍ଗୁର ହଜିଗଲା
ଆଉ ତୁମେ ନିଜକୁ ନିଜ ନୀରବତାରେ
ହଜେଇ ଦେଲ ।

ମୁଁ ଗୋଟେ ଅକ୍ଷତା ବାରାଙ୍ଗନା
ତୁମ ସାମଗ୍ରିକ ଖୁସିର ଗୋଟେ ଅଂଶ ନୁହଁ
ମୁଁ ତୁମଠୁ ଦୟା ମାଗି ନ ଥିଲି
ଦାବି କରି ନ ଥିଲି, ମୁଁ ତ ଏମିତି
ବହୁମୂଲ୍ୟା ବେଶ୍ୟା
ତୁମର ସଚେତନ ଲଜ୍ଜା ଗୋଟେ ମୃତଶିଶୁକୁ
ଗ୍ରହଣ କରିପାରି ନ ଥିଲା
ଏଇନା କ'ଣ ମୋର ବିଚ୍ଛୁରିତ 'ମୁଁ' କୁ
ତୁମେ ଗ୍ରହଣ କରିପାରିବ ?
ଏଇନା ମୋ' ଚୁଡ଼ି
ଅସ୍ତ୍ରରେ ରୂପାନ୍ତରିତ ହେଇଯାଇଛି
ଏବଂ ସେଥିରେ ମୁଁ ମୋ'
କାହାଣୀ ଲେଖିବି ।

**ଅନୁବାଦ: ପ୍ରବାସିନୀ ମହାକୁଡ଼**



ଗୀତି-କବିତା :

## ଗୀତ ମୋର ରହିଥିବ

**ଡ. ଲିଙ୍ଗରାଜ ରଥ**

ମୁଁ ସିନା ନ ଥିବି, ଏ ଦିନ ନ ଥିବ
ନ ଥିବ ଏ ପରିବେଶ
ଆଜିର ଯୋଜନା ନାନା କଳପନା
ସବୁ ହୋଇଥିବ ଶେଷ ।
ହେଲେ, ଗୀତ ମୋର ରହିଥିବ,
ମୋ' କଥା କହୁଥିବ ।।୦।।

ମଣିଷ ମରଇ ଦିନ ତା' ସରଇ
ଏ ତ ଦୁନିଆର ରୀତି
ମରଦେହ ସିନା ପାଉଁଶ ପାଲଟେ
କଳା କରମ କି ମରମରୁ ହଟେ ?
ପାଲଟି ଯାଏ ସେ 'ସ୍ମୃତି'
ମୋର, ଦେହ ସିନା ଜଳିଯିବ
ହେଲେ, ଗୀତ ମୋର ରହିଥିବ ।।୧।।

ମୋ' ଗୀତେ ରହିଛି ମଣିଷର କଥା
ତା'ର ଅନୁଭବ ତା' ମନର ବ୍ୟଥା
ଅକୁହା କାହାଣୀ କେତେ
ଯିଏ ବା ପଢ଼ିବ ଯିଏ ବା ଶୁଣିବ
ଜୀବନର ଗାଥା ସିଏ ତ ଜାଣିବ
ବୁଝିବ, ପାରିବ ଯେତେ ।
ମୋତେ, ତୁମେ ସିନା ଭୁଲିଯିବ
ହେଲେ, ଗୀତ ମୋର ରହିଥିବ ।।୨।।

– କ୍ୱାର୍ଟର୍ସ ନଂ-ଭି.ଆର୍,-୬୭, ୟୁନିଟ୍-୬,
ଭୁବନେଶ୍ୱର

## ଚୁମ୍ବନ

**ଡ. ରମାକାଂତ ରାଉତ**

ତମ କପାଳ ଆଉ କୁନ୍ତଳରେ ଚୁମା ଦେଲେ
ଏକ ଘୁମନ୍ତ ଆବେଶରେ ନିମଗ୍ନ ହୋଇଯାଏ ମୁଁ
ଏକ ସାତ୍ତ୍ୱିକ ଆହ୍ଲାଦରେ ହୁଏ ତନ୍ମୟ
ତମ ଅଧର ଚିବୁକ, ଗଣ୍ଡ ଓ ବକ୍ଷ ଚୁମିଲେ
ଦେହ ମନରେ ଉଠେ, ଉଚ୍ଛନ୍ନ ଆବେଗର ନହବତ ।

ନାଭିବ୍ରହ୍ମର ଷଡ଼ଚକ୍ରରେ ଚୁମା ଦେଲେ ମୋଠିଁ
ଜାଗ୍ରତ ହୁଏ କୁଣ୍ଡଳିନୀ, ଚେଇଁ ଉଠେ ବିବେକ
କିନ୍ତୁ ତମ ଜାନୁରେ ଚୁମା ଦେଲେ, ମୋଠିଁ ଘୋଟେ
ଚୌଷଠି କାମକଳାର ରିରଂସା
ଓ ସୃଜନର ମନ୍ୱନ୍ତର ଲୀଳା...

ଦେହ ଆଉ ବିଦେହର ଯୁଗନନ୍ଦ୍ଧ ବିଳାସ ମୁଁ
ଚେତନ ଓ ଅବଚେତନର ମଧ୍ୟ ସ୍ୱର୍ଗରେ ।
ଚୁମ୍ବନ ଇ ତ ଦେହ ଆଉ ବିଦେହର ସେତୁ
ଦୈହିକ ଉତ୍ତରଣର ତୁଙ୍ଗିମା ।

– ଘର ନଂ. ୧୧୭୫/୩୨୦୩, ଉପରସାହି,
– ଲକ୍ଷ୍ମୀସାଗର, ଭୁବନେଶ୍ୱର

# ପ୍ରଥମ ଗଳ୍ପ ମନରେ ଆଣିଥିଲା ଦୃଢ଼ ଏକ ଲେଖକୀୟ ପ୍ରତ୍ୟୟ




ସୀତେଶ ତ୍ରିପାଠୀଙ୍କ ଜନ୍ମ ୧୯୫୭ରେ, କଟକର ସାଆନ୍ତ ସାହିରେ। ପୈତୃକ ଗାଁ ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ରାଉତରାପୁର। ପ୍ରକାଶିତ ଗଳ୍ପଗ୍ରନ୍ଥ: 'ଫେରାର୍ ମଣିଷ', 'ମିତ', 'ସେଇ ବୁଢ଼ାଲୋକ', 'ଜେଜେମା ଙ୍କ ଡାଇରୀ', 'ବିଜେତା ଓ ଅନ୍ୟାନ୍ୟ ଗଳ୍ପ'। କବିତା ଓ ନାଟକରେ ଏଇ ଲେଖକ ତାଙ୍କ ପ୍ରତିଭାର ତାକତ୍ ପରଖିଛନ୍ତି, ଯାହା ତାଙ୍କ ସାରସ୍ୱତ ପ୍ରତିଷ୍ଠାକୁ କରିଛି ଦୃଢ଼ୀଭୂତ। ୨୦୧୧ରେ ଅନୁବାଦଗ୍ରନ୍ଥ 'ତେଜସ୍ୱିନୀ' ପାଇଁ ତାଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'। ଆରମ୍ଭ ବେଳର ଲେଖାକୁ ନେଇ ସୀତେଶ ତାଙ୍କର ଅନୁଭବ ବଖାଣିଛନ୍ତି ଏଥର, ଏଇ ସ୍ତମ୍ଭରେ...


ସୀତେଶ ତ୍ରିପାଠୀ

ପିଲାଟି ଦିନୁଁ, ଖୁବ୍ କମ୍ ବୟସରୁ ପଢୁଥିଲି ପ୍ରଚୁର। ଯାବତୀୟ ରାଜାରାଣୀ ଓ ପରୀ କାହାଣୀ, ମୀରା ସିରିଜ୍, ରବିନ୍ ସିରିଜ୍ ଇତ୍ୟାଦି। ସେ ଦୁଇ ସିରିଜ୍‌ର ଡିଟେକ୍ଟିଭ୍ ନଭେଲ୍‌ମାନ ମୋ' ପିଲାଦିନେ ହଟ୍‌କେକ୍। ରହସ୍ୟ ଔପନ୍ୟାସିକ ଯୋଗେନ୍ଦ୍ର କୁମାର ମହାନ୍ତି ଓ ଆଶୁତୋଷ ରାୟ ଥାଆନ୍ତି ପୋଲିସ ସେବାର ଉଚ୍ଚପଦସ୍ଥ ଅଫିସର। ସେମାନଙ୍କ ବହି ସବୁ ଆମ ଭଳି ପିଲାଙ୍କୁ ଭସେଇ ନଉଥା'ନ୍ତି ସ୍ୱପ୍ନିଳ ଏକ ଦୁନିଆକୁ। କସ୍ତୁରି ଚରଣ ଦାସଙ୍କ ରାଜଶ୍ରୀ ପକେଟ୍ ବୁକ୍ସ ଓ ଲାଲ ସିରିଜ୍‌ର ରହସ୍ୟ ଉପନ୍ୟାସ ସବୁ ପାଠକ ମହଲରେ ପ୍ରବଳ ଆଦୃତ ହେଉଥାଏ। ପ୍ରଚୁର ଜନପ୍ରିୟତା ହାସଲ କରିଥାଏ ବି ରହସ୍ୟ ପତ୍ରିକା 'ଚକ୍ରାନ୍ତ' ଓ 'ମାସିକ ଡିଟେକ୍ଟିଭ୍'। ସେ ସବୁକୁ ପାଠ କଲାବେଳେ ମନକୁ ଆସିଯାଉଥାଏ– ଲେଖିପକାନ୍ତି କି ଏମିତି ରହସ୍ୟ ରୋମାଞ୍ଚ କିଛି!

ମାଟ୍ରିକ୍ୟୁଲେଶନ ପଢ଼ିଲାବେଳେ ଲେଖି ପକେଇଥିଲି ବି ସେମିତି କିଛି, ଯେଉଁଥିରେ ମୌଳିକତାର ଛାପ ପ୍ରାୟ ନ ଥିଲା, ମୋ' ବିଚାରରେ। ପଠେଇ ଦେଇଥିଲି 'ଚକ୍ରାନ୍ତ' ପତ୍ରିକାକୁ ଏମିତି ଗୋଟେ ଲେଖା। ସେଇ ପିଲା ବୟସରେ ମୋତେ ଚମତ୍କୃତ କରି ଛପା ହେଲା ମୋର ସେଇ ଲେଖାଟି। ପାଞ୍ଚ ଖଣ୍ଡ ଲେଖକୀୟ କପି ସହ ମିଳିଲା ପାରିଶ୍ରମିକ ଶହେ ଟଙ୍କା (ସେବେ, ସତୁରି ଦଶକର ପ୍ରାରମ୍ଭରେ ଶହେ ଟଙ୍କାର ମୂଲ୍ୟ ଆଜିକା ଦିନରେ ଢେର୍ ନିଶ୍ଚୟ)। ଓଃ! ସେ ପତ୍ରିକା ପାଞ୍ଚଖଣ୍ଡି ଓ ଶହେ ଟଙ୍କିଆ ନୋଟ୍ ଖଣ୍ଡକ ହାତରେ ଧରି ଘରେ ପହଞ୍ଚିଲାବେଳେ ମୋ' ଅଣଚଉଡ଼ା ଛାତି ଚଉଡ଼ା ହେଇଯାଇଥାଏ।

ଆଧୁନିକ ଓଡ଼ିଆ ଗଳ୍ପ ସହ ପରିଚିତ ହେଇଥିଲି 'ଗଳ୍ପଶ୍ରୀ' ଶୀର୍ଷକରେ ଏକ ଗଳ୍ପ ସଙ୍କଳନ ଜରିଆରେ, ଯାହା ଚଳୁଥାଏ ଆମ ସମୟର ମାଟ୍ରିକ୍ ପାଠ୍ୟକ୍ରମରେ। ମାଟ୍ରିକ୍ ପରେପରେ, କଲେଜରେ ପାଦ ଦେଲାପରେ, ବିଭୂତି ପଟ୍ଟନାୟକଙ୍କୁ ପଢ଼ିଲି ପ୍ରଚୁର। ପଢ଼ିଲି ବାରିଷ୍ଟର ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର'। ମନୋଜ ଦାସଙ୍କ କଥା ଓ କାହାଣୀ। ପୁଣି 'ଝଙ୍କାର' ପତ୍ରିକାରୁ ପ୍ରସିଦ୍ଧ ଗାଳ୍ପିକମାନଙ୍କୁ। ମନରେ ଆସିଲା– ଏଣିକି ମୁଁ ବି ଗପ ଲେଖିବି।


ସେଇ ୧୯୮୫ କିମ୍ବା ୮୬ରେ ଲେଖିଲି ଗୋଟିଏ ପ୍ରେମଗଳ୍ପ 'ଜଟାୟୁ'। ଛପାଗଲା 'ପ୍ରଜାତନ୍ତ୍ର ସାପ୍ତାହିକୀ'ରେ। ପ୍ରଚୁର ପାଠକୀୟ ପ୍ରତିକ୍ରିୟା, ବିଶେଷକରି ଝିଅମାନଙ୍କର। ଏହା ମୋତେ ଅଭିଭୂତ କରିଥିଲା। ସେ ସମସ୍ତ ଚିଠି ମୁଁ ଅଦ୍ୟାବଧି ସାଇତି ରଖିଛି। ୧୯୯୦ ମସିହା ଡିସେମ୍ବରରେ ଚାକିରି ଦାୟରେ ଗଲି ପାରାଦୀପ। ପାରାଦୀପରେ ଥା'ନ୍ତି ରବି ସ୍ୱାଇଁ ଓ ଅନ୍ୟମାନେ। ସେଇଠି ଜାଣ ମୂଳଦୁଆ ପଡ଼ିଲା ମୋ' ଅସଲ ସାହିତ୍ୟିକ ଜୀବନର। କବିତା–ଗପ–ନାଟକ: ସାହିତ୍ୟର ତ୍ରିଧାରା ସହ ମୁଁ ଘନିଷ୍ଠ ଭାବେ ଜଡ଼ିତ ହେଇଗଲି ପାରାଦୀପରେ। ୧୯୯୧, ଜାନୁୟାରୀରେ ଲେଖିଲି କ୍ଷୁଦ୍ରଗଳ୍ପ 'ପଡ଼ୋଶୀ' ଓ ଛପା ହେଲା 'ପ୍ରଜାତନ୍ତ୍ର ସାପ୍ତାହିକୀ'ରେ। ପୂର୍ବର ଜଟାୟୁ ଗଳ୍ପ ଭଳି 'ପଡ଼ୋଶୀ' ଗଳ୍ପଟି ମଧ୍ୟ ବେଶ୍ ଆଦୃତ ହୋଇଥିଲା। ଗପ ଦୁଇଟିର ଲୋକପ୍ରିୟତା ମତେ ଖୁବ୍ ପୁଲକିତ କରିଥିଲା ଓ ମନରେ ଆଣିଥିଲା ଏକ ଦୃଢ଼ ଲେଖକୀୟ ପ୍ରତ୍ୟୟଯେ ମୁଁ ବି ଭଲ ଗପ ଲେଖିପାରିବି।

# ପୁସ୍ତକ ପରିଚୟ



## ଉର୍ମିଳା

**ନାଟ୍ୟକାର:** ରମେଶ ପ୍ରସାଦ ପାଣିଗ୍ରାହୀ
**ପ୍ରକାଶକ:** 'ଲେଖାଲେଖି', ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୭, **ମୂଲ୍ୟ:** ଟ.୮୫/–




'ଉର୍ମିଳା'ର 'ପ୍ରଚ୍ଛଦଲେଖ'ରେ କୁହାଯାଇଛି: 'ଉର୍ମିଳା' ଓଡ଼ିଆ ସାହିତ୍ୟରେ ଉର୍ମିଳା ଚରିତ୍ରକୁ ନେଇ ଲେଖାଯାଇଥିବା ପ୍ରଥମ ନାଟକ। x x x ରାମାୟଣର ଏହି ଉପେକ୍ଷିତ ଚରିତ୍ର ଦୀର୍ଘଦିନର ଗବେଷଣା ଦ୍ୱାରା ଉପଲବ୍ଧ ଓ ବିଭିନ୍ନ ଆଞ୍ଚଳିକ ଭାଷାର ରାମାୟଣରୁ ସଂଗୃହୀତ। ରମେଶ ନିଜେ କହିଛନ୍ତି– ''ମୁଁ ଉର୍ମିଳାଙ୍କୁ ଦେଖିବା ଭିତରେ ଦେଖୁଛି, ତାଙ୍କ ଅପ୍ରାପ୍ତିଗୁଡ଼ିକୁ ଅତିକ୍ରମ କରି ସେ କିପରି ସମଗ୍ର ରାଜପ୍ରାସାଦ ଓ ରାଜ୍ୟକୁ ସନ୍ତୁଳନ ଭିତରେ ରଖିପାରିଲେ। ତାହା ହିଁ ଲୌକିକ ଭାଷାରେ ତାଙ୍କର ତ୍ୟାଗ ନାମରେ ଆଖ୍ୟାତ। ଏହି ଚରିତ୍ରଟିକୁ ଆଧାର କରି ମୁଁ ଏକ ସରଳ ନାଟକ ଲେଖିଛି। ତେଲୁଗୁ ରାମାୟଣର ରଚୟିତା ନାନ୍ନେୟାଙ୍କ ଆଖିରେ ଉର୍ମିଳା ସୀତାଙ୍କଠାରୁ ମଧ ମହତ୍ତର। ମୋ' ଉର୍ମିଳା ତାଙ୍କ ବଡ଼ ଭଉଣୀଙ୍କ କଥା ସବୁବେଳେ ମାନନ୍ତି।'' ପୁନଶ୍ଚ ଲେଖିଛନ୍ତି: ''ଏ ନାଟକର ଶୈଳୀ ଅଲୌକିକତାରେ ପରିପୂର୍ଣ୍ଣ। x x x ହନୁମାନ 'ଅଣିମା ସିଦ୍ଧି' ଜାଣିଥିଲେ। x x x ଓଡ଼ିଆ ସାହିତ୍ୟର କୌଣସି କଥା କିମ୍ବା ନାଟକରେ ଏ ପ୍ରକାର ପ୍ରୟୋଗ କରାଯାଇ ନାହିଁ।'' 'ଉର୍ମିଳା' କଥାବସ୍ତୁ, ସଂଳାପ, ଚରିତ୍ର ଚିତ୍ରଣ ଓ ମଞ୍ଚକୌଶଳ ଦୃଷ୍ଟିରୁ ସାମ୍ପ୍ରତିକ ଓଡ଼ିଆ ନାଟକ କ୍ଷେତ୍ରରେ କେବଳ ନୁହେଁ, ବର୍ତ୍ତମାନର ଭାରତୀୟ ନାଟକ କ୍ଷେତ୍ରରେ ଏକ ବିରଳ ସଂଯୋଜନ। ନାଟକର ସଂଳାପ ସରଳ ହେବା ସତ୍ତ୍ୱେ ଭାବଗର୍ଭୀ ଓ ଠାଏଠାଏ କବିତାର ପ୍ରତିସ୍ପର୍ଦ୍ଧୀ, ଯଥା: ୧. ''ଜାଣୁ ଅଯୋଧ୍ୟା, ଲକ୍ଷ୍ମଣର ପତ୍ନୀ କେବଳ ରାଣୀ ନୁହେଁ – ଷୋଳକଳାରେ ପରିପୂର୍ଣ୍ଣା ଏକ ଅସମାପ୍ୟ ରୋମାଞ୍ଚ ମଧ୍ୟ।'' ୨. ''ଚଉଦ ବର୍ଷର ନିଦ୍ରା ଭିତରେ ମୁଁ ତୁମକୁ କରିଦେବି ପ୍ରଗାଢ଼ ସୁଡ଼ଙ୍ଗଟିଏ, ଗୀତର ଲହରଟିଏ... ଚେତନାର ସ୍ରୋତଟିଏ।'' ଉର୍ମିଳାଙ୍କ ପାଇଁ ଉଦ୍ଦିଷ୍ଟ ଏ ଦୁଇଟିଯାକ ସଂଳାପ, ପ୍ରଥମଟି ସୁମିତ୍ରା ଓ ଦ୍ୱିତୀୟଟି ନିଦ୍ରାଦେବୀଙ୍କର। ପକ୍ଷୀ–ବୈଦ୍ୟ ନାଟକରେ ବେଶ୍ ଅଭିନବ ଏକ ପ୍ରସଙ୍ଗ, ଯାହା ଉର୍ମିଳା ଚରିତ୍ରକୁ ମହତ୍ତର ଓ ନାଟକକୁ ଗତିଶୀଳ କରାଏ।

## ହଜି ଯାଇଥିବା ମଣିଷ

**କବି:** ଡ. ହୁସେନ୍ ରବି ଗାନ୍ଧୀ
**ପ୍ରକାଶକ:** ଶ୍ରଦ୍ଧା ପବ୍ଲିକେଶନ୍, ସହଦେବଖୁଣ୍ଟା, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୨୦/–

ମୋଟ ୪୨ଟି କବିତା ସ୍ଥାନିତ ଏ କବିତାଗ୍ରନ୍ଥରେ। ''ନ କହିଲେ ବି ଚଳିଥାନ୍ତା...'' ଶୀର୍ଷକ ଗଦ୍ୟଲେଖରେ କବି ଲେଖିଛନ୍ତି: ''ଏ ସଂକଳନରେ ପ୍ରତିଟି କବିତାରେ ମୁଁ ଓଡ଼ିଶାର ଯୁଗଯୁଗର ସାଂସ୍କୃତିକ ଓ ଧାର୍ମିକ ସମନ୍ୱୟର ବାର୍ତ୍ତା ହିଁ ଦେବାକୁ ଚେଷ୍ଟା କରିଛି। ମୋର କବିତା ଶୋଷଣ ବିରୋଧରେ, ମଣିଷ ପ୍ରତି ମଣିଷର ଅତ୍ୟାଚାର ବିରୋଧରେ, ସନ୍ତ୍ରାସବାଦ ଓ ସାମ୍ପ୍ରଦାୟିକତାବାଦ ବିରୋଧରେ। ରାଷ୍ଟ୍ର ପ୍ରାୟୋଜିତ ସନ୍ତ୍ରାସ ବିରୁଦ୍ଧରେ ଶବ୍ଦମାନଙ୍କୁ ଅଗ୍ନିପିଣ୍ଡୁଳା ସମ କରି ଗାଇ ଚାଲିଛି ମାନବତାର ବାର୍ତ୍ତା, ସାମ୍ୟର ବାଣୀ ଏବଂ ଶୋଷଣବିହୀନ ସାମ୍ପ୍ରଦାୟିକତାବିହୀନ ସମାଜ ସଂରଚନାର ମନ୍ତ୍ର।'' 'ଶବ୍ଦର ପ୍ରତିଧ୍ୱନି' ଶୀର୍ଷକ କବିତାର ଏହି ପଙ୍‌କ୍ତିଟି: ''ଶବ୍ଦକୁ କୁହ ପ୍ରତିଧ୍ୱନି ତୋଳୁ/ ପ୍ରତିବାଦରେ। ପ୍ରତିବାଦ ହେଉ/ କୁହାଯାଉଥିବା କାର୍ଯ୍ୟମାନଙ୍କ/ ବିପରୀତରେ କରାଯାଉଥିବା/ କାର୍ଯ୍ୟମାନଙ୍କ ପାଇଁ।'' ଏତକ କହିସାରି ହୁସେନ୍ ପୁଣି ସ୍ୱଗତୋକ୍ତି କଲା ପରି କହନ୍ତି: ''ସମସ୍ତେ ନୀରବ/ ସମସ୍ତେ ଜଳକା ?/ ଆଚ୍ଛା କଥା !/ ଯେ କ'ଣ ଏକ ଫସିଲ୍‌କୃତ/ ପ୍ରାଗ୍‌ଐତିହାସିକ ଯୁଗର ନଗରୀ ?/ ସ୍ୱର କାହିଁ/ ଶବ୍ଦ କାହିଁ ?'' ସମାଜର ସ୍ଥାଣୁତା, ସ୍ୱରହୀନତାରେ କବିଙ୍କର ବିଚଳନ ହିଁ ହେଉଛି ଯଥାର୍ଥ କବିର ସ୍ୱଧର୍ମ, ଯାହା ଗ୍ରନ୍ଥର ପ୍ରାୟ କବିତାରେ କବି ପାଳନ କରିବା ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ କରିଛନ୍ତି। ଗ୍ରନ୍ଥର ଅଧିକାଂଶ କବିତାରେ କବି ଯେଉଁ ପ୍ରତିବାଦୀ ଭୂମିକା ତୁଲାନ୍ତି, ତା'ର ସମାନ୍ତରାଳ ସାମ୍ପ୍ରତିକ ଓଡ଼ିଆ କବିତାରେ ବିରଳ ନହେଲେ ବି ଖୋଜି ପାଇବା ଦୁରୂହ।





## ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ

## ମୟୂରଭଞ୍ଜ

**ଲେଖକ:** ରଞ୍ଜନ ପ୍ରଧାନ
**ପ୍ରକାଶକ:** କ୍ରିଏଟିଭ୍ ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୧୭, ମୂଲ୍ୟ: ଟ.୪୫୦/–

ଆଲୋଚ୍ୟ ଗ୍ରନ୍ଥଟି ମୟୂରଭଞ୍ଜ ଜିଲା ସମ୍ପର୍କରେ ପ୍ରସ୍ତୁତ ଏକ ଗବେଷଣାତ୍ମକ ଗ୍ରନ୍ଥ, ଯହିଁରେ ମୟୂରଭଞ୍ଜର ଜନ୍ମଠୁଁ ଆରମ୍ଭ କରି ତା'ର ଭୌଗୋଳିକ ବିସ୍ତୃତି, ନଦନଦୀ, ପାହାଡ଼ପର୍ବତ, ମନ୍ଦିର, ଗୁମ୍ଫା, ଦେବଦେବୀ, ପର୍ଯ୍ୟଟନସ୍ଥଳୀ, ଐତିହ୍ୟ, ପ୍ରତ୍ନତତ୍ତ୍ୱ, ପର୍ବପର୍ବାଣି, ଆଦିବାସୀ ଓ ଅନ୍ୟ ଜନସଂସ୍କୃତି, ଶିମିଳିପାଳ ଅଭୟାରଣ୍ୟ ଆଦିର ଟିକିନିଖି ବିବରଣୀ ସ୍ଥାନିତ ହୋଇଛି। ଅଧିକାଂଶ ସ୍ଥାନକୁ ନିଜେ ଲେଖକଯେ ଯାଇଛନ୍ତି ଓ ଶ୍ରମ ସ୍ୱୀକାର କରି ସେସବୁ ସ୍ଥାନର ଇତିହାସ ସଂଗ୍ରହ କରିଛନ୍ତି। ଗ୍ରନ୍ଥଟି ପାଞ୍ଚୋଟି ପରିଚ୍ଛେଦରେ ବିଭକ୍ତ। ଏଥିରେ ଥିବା ଐତିହାସିକ ରତ୍ନପୁର ଗ୍ରାମ (ଯାହା କବିବର ରାଧାନାଥ ରାୟଙ୍କ 'ପାର୍ବତୀ' କାବ୍ୟର ପୃଷ୍ଠଭୂମି) ଓ ପଦ୍ମଶ୍ରୀ ସରୋଜରାଜ୍ ଚୌଧୁରୀଙ୍କ ପାଳିତା ବାଘରାଣୀ 'ଖଇରୀ'ର ବର୍ଣ୍ଣନା ବର୍ତ୍ତମାନ ପିଢ଼ିର ଯୁବତୀଯୁବକ ଓ କିଶୋରୀକିଶୋରଙ୍କ ପାଇଁ ଏକ କିମ୍ବଦନ୍ତୀ ପରି ପ୍ରତୀତ ହେବ। ମୟୂରଭଞ୍ଜରେ 'ମନସା ମଙ୍ଗଳ' ଓ 'ଲଳିତା ପାଲା' ଯେ ପଶ୍ଚିମବଙ୍ଗ ପରି ଲୋକପ୍ରିୟ, ଏହା ରଞ୍ଜନଙ୍କର ଏହି ବହିଟି ପଢ଼ିଲେ ଜଣାପଡ଼େ। ବହିଟିର ଅନ୍ୟତମ ବିଭବ ହେଉଛି ଏଥିରେ ସଂଯୋଜିତ ବିଷୟ ଭିତ୍ତିକ ଆଲୋକଚିତ୍ର। ଗ୍ରନ୍ଥ ସମ୍ପର୍କରେ ମତଦେଇ ଡ. ଶାନ୍ତନୁ ମହାପାତ୍ର ଏହାକୁ 'ମୟୂରଭଞ୍ଜର ଆଇନା' ବୋଲି ଯାହା କହିଛନ୍ତି, ତାହା ଯଥାର୍ଥ।




## ରସସୂକ୍ତ

**କବି:** ଚିନ୍ମୟ ବିବେକ
**ପ୍ରକାଶକ:** ଶ୍ରଦ୍ଧା ପବ୍ଲିକେଶନ, ସହଦେବ ଖୁଣ୍ଟା, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୭, ମୂଲ୍ୟ: ଟ.୧୨୦/–




୫୫ଟି କବିତାକୁ ନେଇ ଚିନ୍ମୟଙ୍କର ଏ କବିତା ବହିଟି ପରିକଳ୍ପିତ। କବିଙ୍କର ଏହା ଚତୁର୍ଥ କବିତା ସଂକଳନ। କବିତାଗୁଡ଼ିକର ବିଷୟବସ୍ତୁ ଯଦିଓ ପ୍ରେମପ୍ରଣୟ, ସମାଜ ଓ ମଣିଷର କଦର୍ଥନା ତଥା ନିତିପ୍ରତି ଜୀବନରେ ଘଟୁଥିବା ନାନା ଘଟଣା ପ୍ରବାହ ; ତେବେ ଦୃଷ୍ଟିଭଙ୍ଗୀ ଓ ଭାଷାରେ ନିଆରାପଣ ଯୋଗୁଁ କବିତାଗୁଡ଼ିକ ସାମ୍ପ୍ରତିକ କାଳଖଣ୍ଡରେ ରଚିତ ଅନ୍ୟ ବହୁ କବିଙ୍କ କବିତାଠାରୁ ସ୍ୱତନ୍ତ୍ର। 'ଘର' କବିତା ବହିର ପ୍ରଥମ କବିତା। 'ଘର'ର ଏଇ ଚିତ୍ରଟିକୁ ଦେଖନ୍ତୁ: ''ଯୋଉ ଘରଟି ଦିଶୁ ନ ଥିଲା/ ଏତେ ଦିନ ଧରି/ ଦେଖ, ତା' ଏବେ କେଡ଼େ ସୁଦୃଶ୍ୟ/ ଝଲସୁଚି ଝଡ଼ ପରେ ପରେ/ ତୋଫା ଜହ୍ନ ଆଲୁଅରେ/ ଏ କେମିତି ଯେ ତା'ର ନିର୍ମାଣ/ ଦୋଳି ଖେଳୁଚି/ ଚିଲିକାରେ ଭାସମାନ/ ମରାଳ ସଦୃଶ...'' (ପୃ:୦୮)। ଏ ଘର ତିଆରି ହେଇନି ଖାଲି ଇଟା, ପଥରରେ ; ତିଆରି ହେଇଛି ଶ୍ରମ, ପ୍ରେମ ଓ ସ୍ୱପ୍ନରେ। 'ଭଗିଆ' କବିତାରେ ନିଦରବୀ, ପ୍ରାନ୍ତିକ ମଣିଷ ପ୍ରତି କବିଙ୍କର ଯେଉଁ ଦରଦ, ତାହା ବହିର ପ୍ରତି କବିତାରେ ବ୍ୟାପୀଯାଇ ପାଠକକୁ ପୀଡ଼ାରେ ବିବଶ କରେ। କିଏ ଜଣେ ଖଟିଖିଆ ମରିଗଲେ, ଦୁନିଆ ତା'କୁ ଚାହେଁ ସତ, କିନ୍ତୁ ନ ଅଟକି ତା' ବାଟରେ ପୁଣି ଚାଲିଯାଏ– ଏହି ଯେଉଁ ନିର୍ମମ ଦୈନନ୍ଦିନତା ଜୀବନର– ତାକୁ ଚିନ୍ମୟ ବେଶ୍ ନୂଆ କରି ଫୁଟାନ୍ତି ତାଙ୍କର ପ୍ରାୟ କବିତାରେ। ବହିଟି ଆମ ସମୟର କବିତାରେ ଯେ ଏକ ମୂଲ୍ୟବାନ ସଂଯୋଗ, ଏଥିରେ ସନ୍ଦେହ ନାହିଁ।